
ଧରିତ୍ରୀ
DHARITRI
December 8-14, 2024 ₹ 2/-
ଧରିତ୍ରୀ DHARITRI 51 Years
ଛୁଟିଦିନ

# ପର୍ବତାରୋହୀ

## ହାର୍ ମାନିଛି ବୟସ

ବୟସ ହୋଇଗଲେ ଆଶା ମଉଳିଯାଏ ଓ ଜୀବନ ସରି ସରି ଯାଏ ବୋଲି ଲୋକେ ଭାବନ୍ତି । କିନ୍ତୁ ଏମାନଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହେଁ । କାରଣ ଏମାନଙ୍କ ଇଚ୍ଛା ଓ ଆକାଂକ୍ଷା ଆଗରେ ବୟସ ହାର ମାନିଛି..



ପ୍ରଚ୍ଛଦ ପ୍ରସଙ୍ଗ ୩

## ଅନ୍ୟର କେଉଁ ଜିନିଷ ବ୍ୟବହାର କରିବେ ନାହିଁ

**ଅସୁବିଧାରେ ପଡ଼ିଲେ ଜଣେ ଅନ୍ୟଠାରୁ ସାହାଯ୍ୟ ମାଗିବା ସ୍ୱାଭାବିକ କଥା ହୋଇପାରେ, କିନ୍ତୁ ଏମିତି ବି କିଛି ଜିନିଷ ରହିଛି ଯାହାକୁ ଅନ୍ୟଠାରୁ ମାଗି ଆଣି ବ୍ୟବହାର କଲେ ନାନା ଅସୁବିଧା ଉପୁଜିପାରେ। ଯେମିତି କି:**

* ବେଳେବେଳେ ଦେଖାଯାଏ ସାଙ୍ଗସାଥୀମାନେ ଡ୍ରେସ୍ ଶେୟାରିଂ କରି ପିନ୍ଧିଥାନ୍ତି। ଏହା ସେମାନଙ୍କୁ ନିଆରା ଆନନ୍ଦ ଦେଇଥାଏ। କିନ୍ତୁ ଜାଣନ୍ତି କି, ଏହି ଡ୍ରେସ୍ ଦ୍ୱାରା ହିଁ ନକାରାତ୍ମକ ଶକ୍ତି ବେଶି ଉପୁଜ



ହୋଇଥାଏ। ଅର୍ଥାତ୍ ଯଦି ଜଣଙ୍କ ଉପରେ ନକାରାତ୍ମକ ଉର୍ଜାର ପ୍ରଭାବ ରହିଥାଏ ଓ ତାଙ୍କଠାରୁ ଡ୍ରେସ୍ ମାଗିକି ଆଣି କେହି ପିନ୍ଧନ୍ତି, ତେବେ ସେହି ନକାରାତ୍ମକ ଉର୍ଜା ତାଙ୍କଠାରୁ ଅନ୍ୟ ଜଣଙ୍କ ପାଖକୁ ଚାଲିଯାଏ। ତେଣୁ ବାସ୍ତୁଶାସ୍ତ୍ର ଅନୁଯାୟୀ, ଏପରି କରିବା ଠିକ୍ ନୁହେଁ।
* ଅନ୍ୟଠାରୁ ମୁଦି ମାଗି ଆଣି ବ୍ୟବହାର କରିବା ବି ଉଚିତ ନୁହେଁ। ଅଜାଣତରେ ହେଉ ପଛେ ଏହାଦ୍ୱାରା ଗ୍ରହ ଦୋଷ ଉପୁଜି ହୋଇଥାଏ ବୋଲି ବିଶ୍ୱାସ କରାଯାଏ।
* ହାତରେ ପିନ୍ଧାଯାଇଥିବା ଘଣ୍ଟା କେବଳ ସମୟ ଜଣାଏ ନାହିଁ, ଏହା ବ୍ୟକ୍ତିଙ୍କର ଭଲମନ୍ଦ ସମୟ ବିଷୟରେ ବି ଅନେକ ସୂଚନା ଦେଇଥାଏ। ଏପରି କ୍ଷେତ୍ରରେ ଅନ୍ୟଠାରୁ ଘଣ୍ଟା ମାଗିଆଣି ପିନ୍ଧିଲେ, ତାଙ୍କର ଭାଗ୍ୟଦୋଷ ଅନ୍ୟ ଜଣଙ୍କୁ ଭୋଗିବାକୁ ପଡିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।
* ଅନ୍ୟର ଜୋତା, ଚପଲ ବ୍ୟବହାର କରିବା ବି ବହୁ ସମସ୍ୟାକୁ ଡାକି ଆଣିଥାଏ। ଯେମିତି କି ଆର୍ଥିକ ସମସ୍ୟା, ସ୍ୱାସ୍ଥ୍ୟରେ ଅବନତି, ଗୃହରେ କ୍ଲେଶ ଇତ୍ୟାଦି। ତେଣୁ ବାସ୍ତୁଶାସ୍ତ୍ର କୁହେ, ଯେତେ ଅସୁବିଧାରେ ଥିଲେ ବି କାହାଠାରୁ ଜୋତା ମାଗିଆଣି ବ୍ୟବହାର କରିବେ ନାହିଁ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୮-୧୪

**ମେଷ**: ସ୍ୱାସ୍ଥ୍ୟ ଭଲ ରହିବ, କର୍ମଜଞ୍ଜାଳ ବଢ଼ିବ, ବନ୍ଧୁ ମିଳନରୁ ଆନନ୍ଦ, ସନ୍ତାନ ହେତୁକ ଗୌରବ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ନୂଆ ସମ୍ପର୍କ ଯୋଡ଼ିବେ, ପରିବାରରେ ବିତର୍କ।

**ବୃଷ**: କର୍ମକ୍ଷେତ୍ରରେ ଉନ୍ନତି, ପରିବାରରେ ଶାନ୍ତି, ବନ୍ଧୁଙ୍କ ସୁପରାମର୍ଶ, ମାନସିକ ଅବସାଦ, ବିବାଦର ସମାଧାନ, ସାମାଜିକ ସମ୍ମାନ, ଯାତ୍ରା ସ୍ଥଗିତ ରହିବ, ବ୍ୟବସାୟିକ ଉତ୍କର୍ଷତା, ସତ୍ସଙ୍ଗର ମଉକା।

**ମିଥୁନ**: ବୈଷୟିକ ଅଭିବୃଦ୍ଧି, ପୁରୁଣା ରୋଗର ପୀଡ଼ା ବଢ଼ିବ, ବନ୍ଧୁଙ୍କ ସହଯୋଗ ପ୍ରାପ୍ତି, ବିଚଳିତବୋଧ କରିବେ, ପାରିବାରିକ ଉଦାସୀନତା, ଅଶୌଚ ଖବର ପ୍ରାପ୍ତି, ମନ ଆନ୍ଦୋଳିତ ରହିବ।

**କର୍କଟ**: ଭ୍ରମଣଜନିତ ଅସୁସ୍ଥତା, କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ସଫଳତାରେ ଆନନ୍ଦ ମିଳିବ, ଭୁଲ କାମ କରିପାରନ୍ତି, ଧର୍ମକାର୍ଯ୍ୟରେ ନିୟୋଜିତ ହେବେ।

**ସିଂହ**: କୃତୀ ଓ କୃତିତ୍ୱରୁ ପ୍ରଶଂସା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ, ବୁଦ୍ଧିଜୀବୀଙ୍କ ସୁପରାମର୍ଶ, ସତ୍ସଙ୍ଗରୁ ସୁଯୋଗ, ଧର୍ମକାର୍ଯ୍ୟ ପ୍ରତି ରୁଚି, ଲୋକ ସମ୍ପର୍କ ବଢ଼ିବ, ସ୍ୱାସ୍ଥ୍ୟହାନୀରୁ ଦୁଶ୍ଚିନ୍ତା।।

**କନ୍ୟା**: ଦୂରଯାତ୍ରାର ଯୋଜନା, ସଭାସମିତିରେ ସମ୍ବର୍ଦ୍ଧନା, ମାମଲା ଶୁଣାଣିରେ ବିଳମ୍ବ, ସାମ୍ବାଦିକତାରୁ ପ୍ରଶଂସା, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ନୂତନ ବନ୍ଧୁତ୍ୱ, ମାଙ୍ଗଳିକ କାର୍ଯ୍ୟାରମ୍ଭ।

**ତୁଳା**: ସମୟାନୁବର୍ତ୍ତିତାରୁ ପ୍ରଶଂସା, ଆର୍ଥିକ ଅଭିବୃଦ୍ଧି, ମାନସିକ ଅସ୍ଥିରତା, ବନ୍ଧୁମିଳନରୁ ଆନନ୍ଦ, ଯାନ୍ତ୍ରିକ ଶିଳ୍ପରେ ଉନ୍ନତି, ପରିବହନରେ ବିବାଦ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ସମ୍ପର୍କୀୟଙ୍କ ଅପପ୍ରଚାର।

**ବିଛା**: ନୂତନ ଯୋଜନାରମ୍ଭ, ଅର୍ଥ ପ୍ରାଚୁର୍ଯ୍ୟରୁ ଆନନ୍ଦ, ରଚନାତ୍ମକ କାମରୁ ପ୍ରଶଂସା, ଯାତ୍ରାକାଳୀନ ଅସୁବିଧା, ଅବହେଳିତ କାର୍ଯ୍ୟରୁ ଅନୁତାପ, ନୂଆ ବ୍ୟବସାୟ ଯୋଡ଼ିବେ।

**ଧନୁ**: ଆର୍ଥିକ ଦୁରବସ୍ଥା, ବନ୍ଧୁଙ୍କ ସାହାଯ୍ୟ, ପଡ଼ୋଶୀଙ୍କ ସମାଲୋଚନା, କାର୍ଯ୍ୟାରମ୍ଭରେ ପ୍ରତିବନ୍ଧକ, ନିଜ ଲୋକଙ୍କ ବିଶ୍ୱାସଘାତକତା, ଯାନବାହନ କ୍ରୟ, ପାରିବାରିକ ସୌଖ୍ୟ, ନୂତନ କର୍ମ ସଂସ୍ଥାନ।

**ମକର**: ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି, ପାରିବାରିକ କଳହ, ନୀରବଦ୍ରଷ୍ଟା ସାଜିବେ, ସନ୍ତାନହେତୁକ ଗୌରବ, ସତ୍ସଙ୍ଗ କରିବେ, ଜମିଜମା ବିବାଦ, ସମସ୍ୟା ସମାଧାନ, ସ୍ଥଗିତ କାମରେ ଅଗ୍ରଗତି, ରାଜନୈତିକ ପୃଷ୍ଠପୋଷକତା।

**କୁମ୍ଭ**: ସାମାଜିକ ସମ୍ମାନ, ଖଳଲୋକଙ୍କ ଅପପ୍ରଚାର, ମନ ଆନ୍ଦୋଳିତ ରହିବ, ବନ୍ଧୁ ଭୁଲ୍ ବୁଝିବେ, ସ୍ଥଗିତ କାମ ପୂର୍ଣ୍ଣାଙ୍ଗ ହେବ, ସଙ୍ଗୀତରୁ ସମ୍ମାନ, ନିଯୁକ୍ତି ଖବର ପ୍ରାପ୍ତି।

**ମୀନ**: ମାନସିକ ଅସ୍ଥିରତା, ଅପ୍ରିୟ ସତ୍ୟରୁ କଳହ, ଠକାମିରେ ପଡ଼ିପାରନ୍ତି, ପାରିବାରିକ ମତାନ୍ତର, ସ୍ନାୟବିକ ଦୁର୍ବଳତା, ଦୂରଯାତ୍ରାର ମସୁଧା, ବନ୍ଧୁ ମିଳନରୁ ଆନନ୍ଦ, ବିଦେଶ ଯାତ୍ରାର ଆହ୍ୱାନ।

## ଘରେ ପାରା ଅଣ୍ଡା ଦେବା ଶୁଭ ନା ଅଶୁଭ !



ପାରାଙ୍କୁ ସୁଖଶାନ୍ତିର ପ୍ରତୀକ ବୋଲି କୁହାଯାଏ। ସକାଳେ ସନ୍ଧ୍ୟାରେ ସେମାନଙ୍କୁ ଖାଇବାକୁ ଦେଲେ ଘରେ ସମୃଦ୍ଧି ବଢ଼େ ବୋଲି ବିଶ୍ୱାସ କରାଯାଏ। ଆଉ ବେଳେବେଳେ ଦେଖାଯାଏ, ଘରର ବାଲକୋନିରେ ହେଉ କି ପୋର୍ଟିକୋରେ ପାରା ଆସି ବସା ବାନ୍ଧିଥାନ୍ତି ଏବଂ ସେଠାରେ ଅଣ୍ଡା ବି ଦେଇଥାନ୍ତି। ଏହା ମଧ୍ୟ ଅନେକ ଶୁଭ ସୂଚନା ଦେଇଥାଏ ବୋଲି ଜ୍ୟୋତିଷଶାସ୍ତ୍ରରେ କୁହାଯାଇଛି। ଯେମିତି କି, ଆଗକୁ ଘରେ କାହାର ବାହାଘର ହେବାକୁ ଯାଉଛି ଅଥବା କାହାର ପିଲାପିଲି ହେବାର ଅଛି କିମ୍ବା ଅନ୍ୟ କୌଣସି ଶୁଭଖବର ଆସିବାର ଅଛି। ସେହିପରି ଘରର ବାଲକୋନିରେ ପାରା ଆସି ଅଣ୍ଡା ଦେଲେ, ପରିବାର ସଦସ୍ୟଙ୍କର ଯଦି କାହାର କିଛି ମନୋସ୍କାମନା ରହିଥାଏ, ତାହା ଖୁବ୍ ଶୀଘ୍ର ପୂରଣ ହେବାକୁ ଯାଉଛି ବୋଲି ଏହା ସଙ୍କେତ ଦେଇଥାଏ। କହିବାକୁ ଗଲେ ଗୃହସ୍ଥଙ୍କ ଘରେ ପାରା ଅଣ୍ଡା ଦେବା ସର୍ବଦା ସକାରାତ୍ମକ ସୂଚନା ପ୍ରଦାନ କରିଥାଏ। କିନ୍ତୁ କୌଣସି କାରଣ ବଶତଃ ଯଦି ପାରା ଦେଇଥିବା ଅଣ୍ଡା ଫାଟିଯାଏ, ତା'ହେଲେ ଏହା ଘର ପାଇଁ ବିପଦ ଆସୁଥିବାର ସଙ୍କେତ ଦେଇଥାଏ ବୋଲି ବିଶ୍ୱାସ କରାଯାଏ।

## ପାଠକୀୟ

* ଭାରତର ବହୁ ପୁରାତନ ତଥା ପାରମ୍ପରିକ ଚିକିତ୍ସା ହେଉଛି ଆୟୁର୍ବେଦିକ ଚିକିତ୍ସା। ଆଜି ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଥିବା ସତ୍ତ୍ୱେ ବି ଏହି ପାରମ୍ପରିକ ଦେଶୀ ଚିକିତ୍ସା ପ୍ରତି ଆଗ୍ରହ ବଢ଼ିବାରେ ଲାଗିଛି। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଦେଶୀ ଚିକିତ୍ସକ'ଟି ବେଶ୍ ମନଛୁଆଁ ହୋଇଥିଲା। 'ଝାଡୁକୁ କିପରି ରଖିଲେ ଶୁଭ', 'ଓଜନ କମାଇବାର ଘରୋଇ ଉପାୟ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। **– ସ୍ମୃତିଶ୍ରୀ ଦାସ, ପୁରୀ**
* ଭାରତରେ ଆୟୁର୍ବେଦ ବା ଜଡ଼ିବୁଟି ଚିକିତ୍ସା ବହୁ ପୁରାତନ। ଏବେ ବି କିଛି ଲୋକ ଏମିତି ଅଛନ୍ତି; ଯେଉଁମାନେ କୌଣସି ଶିକ୍ଷାନୁଷ୍ଠାନରୁ ବିଧିବଦ୍ଧ ଶିକ୍ଷା ହାସଲ କରିନାହାନ୍ତି। ମାତ୍ର ସେମାନଙ୍କର ବିଭିନ୍ନ ରୋଗ ନିବାରଣ କରିବାରେ ରହିଛି ଅପରିମିତ ପାରଦର୍ଶିତା। ପୁରୁଷ ପୁରୁଷ ଧରି ପାରମ୍ପରିକ ଦେଶୀୟ ପଦ୍ଧତିରେ ଚିକିତ୍ସା କରିଆସୁଛନ୍ତି। ଏଭଳି ଏକ ନିଆରା ବିଷୟକୁ ନେଇ ପ୍ରକାଶ ପାଇଥିବା ପ୍ରଚ୍ଛଦପ୍ରସଙ୍ଗ 'ଦେଶୀ ଚିକିତ୍ସକ' ଆଲେଖ୍ୟଟି ବେଶ୍ ତଥ୍ୟପୂର୍ଣ୍ଣ ହୋଇଥିଲା। 'ପରିବେଶପ୍ରେମୀ ସେଲିବ୍ରିଟି' ପାଠଟିରୁ ବହୁ ଅଜଣା କଥା ଜାଣିହେଲା। **– ରୂପେଶ ପ୍ରଧାନ, ଜଗତ୍‌ସିଂହପୁର**
* ବ୍ୟକ୍ତିତ୍ୱ ପୃଷ୍ଠାରୁ ଅନନ୍ୟ ପ୍ରତିଭାର ଅଧିକାରୀ ବିରଜା ରାଉତରାୟଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଆବର୍ତ୍ତ' ଶୀର୍ଷକ ଗପଟି ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଭିକି ହିଁ ବେଷ୍ଟ', 'ଶ୍ରଦ୍ଧାଙ୍କ ହ୍ୟାଟ୍ରିକ୍', 'ଖୋଜୁଛନ୍ତି ଦିଶା' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। **– ମାନମୟୀ ପଣ୍ଡା, କଟକ**
* ଶିଶୁ ସାହିତ୍ୟିକ ଓ ବିଜ୍ଞାନ ଲେଖକ ଡ.ଅରୁଣ କୁମାର ପଣ୍ଡାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ହୃଦୟସ୍ପର୍ଶୀ ଥିଲା। ଲାଇଫଷ୍ଟାଇଲ୍ ପୃଷ୍ଠାରୁ 'ସ୍ୱେଟ୍‌ସାର୍ଟ' ସମ୍ପର୍କରେ ବହୁ ଜରୁରୀ କଥା ଜାଣିହେଲା। ମଡେଲ୍ ମିରର୍‌ରେ ପ୍ରଗତି ବେଶ୍ ସୁନ୍ଦରୀ ଲାଗୁଥିଲେ। **– ଧରଣୀଧର ପ୍ରଧାନ, କେନ୍ଦୁଝର**
* ସହରଠୁ ଦୂର ପୃଷ୍ଠାରୁ 'ଖରଗୋନ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଗବେଷଣାରେ ମୂଷାଙ୍କୁ ବ୍ୟବହାର କରାଯାଏ କାହିଁକି' ଶୀର୍ଷକ ପାଠଟି ବେଶ୍ ତଥ୍ୟପୂର୍ଣ୍ଣ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ସମସ୍ତ ପାଠଗୁଡ଼ିକ ମଜାଦାର ହେବା ସହ ଆଶ୍ଚର୍ଯ୍ୟକର ଲାଗୁଥିଲା। **– ପ୍ରଣତି ବେହେରା, ସମ୍ବଲପୁର**



### ବିଶେଷ ଚିଠି

ଦେଶୀ ଚିକିତ୍ସକଙ୍କୁ ନେଇ
ପ୍ରଚ୍ଛଦ ପ୍ରସଙ୍ଗ ଥିଲା ଏଥର,
ଲାଗୁଥିଲା ଭାରି ନିଆରା
ଦେଉଥିଲା ନୂଆ ନୂଆ ଖବର।
ସାଥୀ, ସିନେମା ବି ଥିଲା
ଭାରି ଚମତ୍କାର,
ମନ କିଣି ନେଉଥିଲା ପୁଣି
ତୁମ ସହରୁ ଦୂର।
ହେ ମୋର ପ୍ରିୟ ଛୁଟିଦିନ
ତୁମ ଷୋହଳ ପୃଷ୍ଠା ଲାଗେ
ସବୁବେଳେ ନିଆରା ସର୍ବଦା ନୂତନ।
**– ଅଭିନାଶ ମହାନ୍ତି, କଲ୍ୟାଣପୁର, ଯାଜପୁର**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ପର୍ବତାରୋହୀ

## ହାର୍ ମାନିଛି ବୟସ



ବିକ୍ରମ କେଶରୀ ରାଉତରାୟ
ଶରଦ କୁଲକର୍ଣ୍ଣି

ବୟସ ହୋଇଗଲେ ଆଶା ମଉଳିଯାଏ ଓ ଜୀବନ ସରି ସରି ଯାଏ ବୋଲି ଲୋକେ କଥା ହୋଇଥାନ୍ତି । କିନ୍ତୁ ଏମାନଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହେଁ । ଏମାନଙ୍କୁ ବୟସ ହୋଇଯାଇଛି ସତ କିନ୍ତୁ ମଉଳିଯାଇନି ଏମାନଙ୍କର ଇଚ୍ଛା ଓ ଆକାଂକ୍ଷା । ଏବେ ବି ଏମାନଙ୍କ ଭିତରେ ଅଦମ୍ୟ ସାହସ ଭରିରହିଛି । ପର୍ବତାରୋହଣ ଭଳି ଦୁଃସାହସିକ କାର୍ଯ୍ୟ କରିବାକୁ ବି ଏମାନେ ପଛଘୁଞ୍ଚା ଦେଉନାହାନ୍ତି । ଯେଉଁଥିପାଇଁ କୁହାଯାଉଛି, ବୟସ ଏମାନଙ୍କ ସାହସିକତା ଆଗରେ ଯେମିତି ହାର୍ ମାନିଯାଇଛି...

**ବୟସ ହୋଇଗଲେ ଆଶା ମଉଳିଯାଏ ଓ ଜୀବନ ସରି ସରି ଯାଏ ବୋଲି ଲୋକେ ଭାବନ୍ତି । କିନ୍ତୁ ଏମାନଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହେଁ । କାରଣ ଏମାନଙ୍କ ଇଚ୍ଛା ଓ ଆକାଂକ୍ଷା ଆଗରେ ବୟସ ହାର ମାନିଛି..**

### ଦୁଃସାହସିକ ପର୍ବତାରୋହୀ ପର୍ଶୁରାମ

ଖୋର୍ଦ୍ଧା ଜିଲ୍ଲା ବାଲକାଟୀ ଅନ୍ତର୍ଗତ ପ୍ରତାପ ଶାସନର **ପର୍ଶୁରାମ ପଣ୍ଡା**ଙ୍କୁ ବୟସ ଏବେ ପ୍ରାୟ ୬୨ବର୍ଷ ହେବ । କିନ୍ତୁ ତାଙ୍କର ଦୁଃସାହସିକ କାର୍ଯ୍ୟକଳାପ ଓ ଫୁର୍ତ୍ତିକୁ ଦେଖିଲେ ତାଙ୍କ ବୟସକୁ ନେଇ ଯେ କେହି ଦ୍ୱନ୍ଦ୍ୱରେ ପଡ଼ିଯିବେ । ପିଲାଟିବେଳୁ ତାଙ୍କର ଖେଳକୁଦ ପ୍ରତି ବେଶ୍ ରୁଚି ଥିଲା । ହେଲେ ପାରିବାରିକ ଚାପ ଯୋଗୁ ସେ ଦିଗରେ ତାଙ୍କ କ୍ୟାରିୟର୍ ଆଗେଇ ପାରି ନ ଥିଲା । ଘରର ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ସେ ପାଠପଢ଼ି ଚାକିରିକୁ ଗୁରୁତ୍ୱ ଦେଲେ । ବ୍ୟାଙ୍କ ଅଫ୍ ଇଣ୍ଡିଆରେ ପ୍ରୋବେଶନାରୀ ଅଫିସର୍ ଭାବେ ସେ ପ୍ରଥମେ ଜଏନ୍ କରିଥିଲେ । ଓଡ଼ିଶା ସମେତ ୮ଟି ରାଜ୍ୟରେ ବିଭିନ୍ନ ପଦବୀରେ ଅବସ୍ଥାପିତ ହୋଇ ଶେଷରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ ମହାପ୍ରବନ୍ଧକ ହୋଇଥିଲେ । ତାଙ୍କର କାର୍ଯ୍ୟଦକ୍ଷତା ପାଇଁ ବ୍ୟାଙ୍କ ତାଙ୍କୁ ବିଦେଶକୁ ପଠାଇ ୟୁରୋପର ବେଲ୍‌ଜିୟମ୍‌ରେ ଥିବା ବ୍ୟାଙ୍କ ଶାଖାରେ କିଛିଦିନ ଅବସ୍ଥାପିତ କରିଥିଲା । ଚାକିରିର ଶେଷ ପର୍ଯ୍ୟାୟରେ ସେଣ୍ଟ୍ରାଲ୍ ଭିଜିଲାନ୍ସ କମିଶନ ତାଙ୍କୁ ଦେନା ବ୍ୟାଙ୍କ ଓ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ସତର୍କ ଅଧିକାରୀ ରୂପେ ନିଯୁକ୍ତି ଦେଇଥିଲେ । ୨୦୨୨ ଫେବୃଆରୀ ୨୮ରେ ସେ କର୍ମମୟ ଜୀବନରୁ ଅବସର ନେଇଥିଲେ । ଅବସର ପରର ସମୟକୁ ଅଯଥାରେ ନଷ୍ଟ ନ କରି ତାଙ୍କର ଅପୂରଣୀୟ ରହିଯାଇଥିବା ଇଚ୍ଛାକୁ ସାକାର କରିବା ପାଇଁ ସେ ନିଜକୁ ପୁଣିଥରେ ପ୍ରସ୍ତୁତ କଲେ । ନିଜକୁ ଦୁଃସାହସିକ କ୍ରୀଡ଼ାରେ ସାମିଲ କରିବାକୁ ମନସ୍ଥ କରି ସେ କ୍ରମେ ୱାକିଂ, ଜଗିଂ ଏବଂ ସାଇକ୍ଲିଂ କରିବା ଆରମ୍ଭ କରିଦେଲେ ; ଯଦ୍ୱାରା ତାଙ୍କ ଶରୀର ଫୁର୍ତ୍ତି ରହିଲା । ପର୍ଶୁରାମ ସକାଳେ ମର୍ନିଂ ୱାକ୍ କରିବାକୁ ଯାଉଥିଲେ, ଯେଉଁଠାରେ ତାଙ୍କର କେତେଜଣ ସାଙ୍ଗ ହୋଇଯାଇଥିଲେ । ସେମାନେ 'ରନିଂ ଗ୍ରୁପ୍' ନାମରେ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରିଥିଲେ ; ଯେଉଁଥିରେ କେତେଜଣ ବୟସ୍କ ଥିଲେ ଆଉ କେତେଜଣ କମ୍ ବୟସ୍କ । ଯେଉଁଠି କିଛି କ୍ରୀଡ଼ା ସମ୍ପର୍କିତ କାର୍ଯ୍ୟକ୍ରମ ହେଉଥିଲା, ସେମାନେ ଏକାଠି ଯାଇ ସେଥିରେ ଭାଗ ନେଉଥିଲେ । କେଉଁଠି ହାଫ୍ ମାରାଥନ୍ ହେଉଥିଲେ ଅବା କେଉଁଠି ଫୁଲ୍ ମାରାଥନ୍ ହେଉଥିବାର ଜାଣିଲେ ସେମାନେ ସେଠିକି ବି ଯାଉଥିଲେ । ତା'ସହିତ ପର୍ଶୁରାମ ସାଙ୍ଗସାଥୀ ମେଳରେ ଟ୍ରେକିଂ କରି ଲୋହାଗଡ଼ ଦୁର୍ଗ, ପ୍ରବଳଗଡ଼ ଦୁର୍ଗ, ପ୍ରତାପଗଡ଼ ଦୁର୍ଗ ଆଦି ୬/୭ଟି ଦୁର୍ଗ ବି ବୁଲିଥିଲେ ; ଯାହା ତାଙ୍କୁ ପାହାଡ ଚଢ଼ିବାରେ ଅଭ୍ୟସ୍ତ କରେଇ ଦେଇଥିଲା । ପରବର୍ତ୍ତୀ ସମୟରେ ଯେବେ ଏଭରେଷ୍ଟ ବେସ୍ କ୍ୟାମ୍ପ (ଯାହାର ଉଚ୍ଚତା ପ୍ରାୟ ୫୪୦୦ ମିଟର ହେବ)କୁ ଯିବାର ସୁଯୋଗ ତାଙ୍କୁ ମିଳିଲା, ପର୍ଶୁରାମ ଆଗପଛ ନ ଭାବି ସେଥିରେ ଯିବାକୁ ବାହାରିପଡ଼ିଲେ । ସେ ଯେଉଁ ଟ୍ରୁପ୍‌ରେ ଯାଇଥିଲେ ସେଥିରେ ମାତ୍ର ଦୁଇଜଣ ବରିଷ୍ଠ ନାଗରିକ ଥିଲେ ଆଉ ସମସ୍ତେ କମ୍ ବୟସର । ସେହି ଦୁଇଜଣ ବରିଷ୍ଠଙ୍କ ମଧ୍ୟରୁ ଜଣେ ହେଲେ ପର୍ଶୁରାମ । ୧୪ ଏପ୍ରିଲ୍ ୨୦୨୩ରେ ସେମାନେ ଯାଇଥିଲେ ଏବଂ ୩୦ ଏପ୍ରିଲ୍ ୨୦୨୩ରେ ଫେରିଥିଲେ । ଏହି ଯାତ୍ରାର ସଫଳତା ସମ୍ପର୍କରେ ପଚାରିଲେ ପର୍ଶୁରାମ କୁହନ୍ତି, 'ଏତେ ଉଚ୍ଚତାକୁ ଚଢ଼ିକି ଯିବାରେ କଷ୍ଟ ତ ନିଶ୍ଚୟ ଲାଗୁଥିଲା କିନ୍ତୁ ସଫଳତାର ସହ ଡେଷ୍ଟିନେଶନ ପଏଣ୍ଟରେ ପହଞ୍ଚିଲା ପରେ ଯେଉଁ ଖୁସି ଅନୁଭବ ହୋଇଥିଲା ତାହାକୁ ଭାଷାରେ ପ୍ରକାଶ କରିହେବ ନାହିଁ । ଏହି ସଫଳତାରେ ଶରୀରରେ ଯେଉଁ ହାପି ହର୍ମୋନ୍ କ୍ରିଏଶନ୍ ହେଉଥିଲା ସେଥିରେ ଆପେ ଆପେ କଷ୍ଟ ସବୁ ଲାଘବ ହୋଇଯାଉଥିଲା ଆଉ ନିଜକୁ ଖୁବ୍ ରିଲାକ୍ସ ଫିଲ୍ ହେଉଥିଲା । ବାସ୍ ଏହି ଗୋଟିଏ ଯାତ୍ରା ହିଁ ମୋ ଭିତରେ ଢେର୍ ଆତ୍ମବିଶ୍ୱାସ ଭରି ଦେଇଥିଲା । ଆଉ ସେହିଦିନ ହିଁ ମୁଁ ନିଷ୍ପତ୍ତି ନେଇଥିଲି, ଯଦି ଆଗକୁ ସୁଯୋଗ ମିଳେ, ତା'ହେଲେ ୭ଟି ମହାଦେଶରେ ଥିବା ଉଚ୍ଚତମ ଶୃଙ୍ଗଗୁଡ଼ିକର ଶିଖରକୁ ନିଶ୍ଚୟ ଛୁଇଁବାକୁ ଯିବି । ଭାଗ୍ୟକୁ ଚଳିତବର୍ଷ ଜୁଲାଇ ମାସରେ ମୋତେ ଆଫ୍ରିକା ମହାଦେଶର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜାରୋକୁ ଚଢ଼ିବାର ସୁଯୋଗ ମିଳିଥିଲା ; ଆଉ ସେଥିରେ ସଫଳ ବି ହୋଇଥିଲି । ଉଲ୍ଲେଖଯୋଗ୍ୟ, ଏହାର ଉଚ୍ଚତା ହେଉଛି ସମୁଦ୍ରପତ୍ତନଠାରୁ ପ୍ରାୟ ୫,୮୯୫ ମିଟର । ଏହି ଅଭିଯାନରେ ୯ ଜଣ ଭାରତୀୟ ସାମିଲ ଥିଲେ ; ଯେଉଁଥିରେ ମୁଁ ଥିଲି ଏକମାତ୍ର ଓଡ଼ିଆ ପୁଣି ବରିଷ୍ଠ । କେବଳ ଏତିକି ନୁହେଁ, ୟା' ଭିତରେ ଟାଟା ମୁମ୍ବାଇ ମାରାଥନ୍, ଭାଇଜାଗ ମାରାଥନ୍, ପୁରୀ ବିଚ୍ ମାରାଥନ୍ ଭଳି ପ୍ରାୟ ୯ଟି ହାଫ୍ ମାରାଥନ୍ (୨୧ କି.ମି) ଏବଂ ଲଦାଖ ମାରାଥନ୍ ଭଳି ଫୁଲ୍ ମାରାଥନ୍ (୪୨ କି.ମି.)ରେ ମଧ୍ୟ ସଫଳତାର ସହ ଭାଗ ନେଇସାରିଛି । ଆଉ ଏସବୁ କିଛି ଭଗବାନ୍‌ଙ୍କ ଆଶୀର୍ବାଦ, ଧର୍ମପତ୍ନୀ ପ୍ରତିଭା ପଣ୍ଡା ଏବଂ ମୋ ଦୁଇଝିଅଙ୍କ ସହଯୋଗ ଯୋଗୁ ହିଁ ସମ୍ଭବ ହୋଇପାରିଛି । ଆଗକୁ ଆହୁରି ଅନେକ ଦୁର୍ଗମ ପଥ ଅତିକ୍ରାନ୍ତ କରିବାର ଅଛି । ଦେଖାଯାଉ ଭାଗ୍ୟ କେତେ ଦୂର ସହଯୋଗ କରୁଛି । ତେବେ ଏଠାରେ ଗୋଟେ କଥା କହି ରଖିବାକୁ ଚାହେଁ, ବୟସର ଦ୍ୱାହି ଦେଇ ଆମେ ଅନେକ ସମୟରେ ଦୈନନ୍ଦିନ ସାଧାରଣ ଗତିବିଧି ଯଥା ଚାଲିବା, ଦୌଡ଼ିବା, ପହଁରିବା, ସାଇକ୍ଲିଂ ଇତ୍ୟାଦି କାର୍ଯ୍ୟକଳାପ କରି ନଥାଉ । ଯଦ୍ୱାରା ବୟସ ପକ୍ରିୟା ସମୟ ପୂର୍ବରୁ ଗତିଶୀଳ ହୋଇ ଆମକୁ ନାନା ପ୍ରକାର ରୋଗରେ ଶିକାର କରିଦିଏ । ସୁତରାଂ ପ୍ରତ୍ୟେକ ବରିଷ୍ଠ ନାଗରିକ ନିୟମିତ ଭାବେ ଯଥାସାଧ୍ୟ ଗତିବିଧି ଦ୍ୱାରା ଦୀର୍ଘଦିନ ନିଜକୁ ସୁସ୍ଥ ରଖିପାରିବେ ତଥା ପରିବାର ଏବଂ ସମାଜ ଉପରେ ବୋଝ ହେବା ପରିବର୍ତ୍ତେ ଆଗାମୀ ପିଢି ପାଇଁ ସହାୟକ ହୋଇପାରିବେ । ଶାରୀରିକ ସୁସ୍ଥତାରୁ ମାନସିକ ସୁସ୍ଥତା ତଥା ସମାଜ ଏବଂ ପରିବେଶକୁ ସୁସ୍ଥ ରଖିବାରେ ମଧ୍ୟ ସହାୟକ ହୋଇପାରିବେ ।'




### ଦୁଃସାହସିକ ଯାତ୍ରାର ପଥିକ ବିକ୍ରମ କେଶରୀ

ନାଁ ତାଙ୍କର **ବିକ୍ରମ କେଶରୀ ରାଉତରାୟ** । ବୟସ ଏବେ ତାଙ୍କୁ ୭୪ ହେବ । ଘର ଭୁବନେଶ୍ୱରର ଖାରବେଳ ନଗରରେ । ସେ ହେଲେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ । ବୃଦ୍ଧା ମା', ଧର୍ମପତ୍ନୀ ଓ ପୁଅବୋହୂଙ୍କୁ ନେଇ ତାଙ୍କ ପରିବାର । ଟ୍ରେକିଂ, କାୟାକିଂ ଭଳି ଦୁଃସାହସିକ କ୍ରୀଡ଼ାରେ ରହିଛି ତାଙ୍କର ଖୁବ୍ ରୁଚି । ଆଜକୁ ପ୍ରାୟ ୩୦ ବର୍ଷ ତଳୁ ସେ ଏହିସବୁ କ୍ରୀଡ଼ାରେ ଭାଗ ନେଇଆସୁଛନ୍ତି । ଏ ସମ୍ପର୍କରେ ବିକ୍ରମ କୁହନ୍ତି, 'ୟୁଥ୍ ହଷ୍ଟେଲ ଆସୋସିଏଶନ୍ ଅଫ୍ ଇଣ୍ଡିଆ ନାମକ ଏକ ଅର୍ଗାନାଇଜେଶନ୍ ମଝିରେ ମଝିରେ ବିଭିନ୍ନ ସ୍ଥାନରେ ଦୁଃସାହସିକ କ୍ରୀଡ଼ାମାନ ଆୟୋଜନ କରିଥାଏ । ତା'ର ଏକ ବ୍ରାଞ୍ଚ ଭୁବନେଶ୍ୱରରେ ଥାଏ ; ଯାହାର ମୁଁ ଥିଲି ଜଣେ ସଦସ୍ୟ । ଏହି ଅର୍ଗାନାଇଜେଶନ୍ ଜରିଆରେ ମୁଁ ପ୍ରଥମ କରି ଜମ୍ମୁ ଓ କଶ୍ମୀରର କିସ୍ତୱାର୍ ନାମକ ପାହାଡ଼ିଆ ଅଞ୍ଚଳକୁ ଟ୍ରେକିଂ କରିବାକୁ ଯାଇଥିଲି । ଏଠାରେ ଦୁଇଟା ମାଉଣ୍ଟେନ୍ ପାସ୍ ଯଥା: ମାର୍ଗାନ୍ ପାସ୍ ଏବଂ ସିନ୍ଥାନ ପାସ୍ ; ଯାହାର ଉଚ୍ଚତା ଯଥାକ୍ରମେ ୧୨ହଜାର ଫୁଟ ଏବଂ ୧୨ ହଜାର ୫ଶହ ଫୁଟ ହେବ, ତାହାକୁ ଆମେ ଅତିକ୍ରମ କରିଥିଲୁ । ପ୍ରାୟ ୧୫ ଦିନର ଏହି ଯାତ୍ରାରେ ପ୍ରତିଦିନ ଆମକୁ ପାଖାପାଖି ୨୫/୩୦ କି.ମି. ପାହାଡ଼ିଆ ରାସ୍ତାରେ ଚାଲିଚାଲି ଯିବାକୁ ପଡୁଥିଲା । ଦିନେ, ଦୁଇ ଦିନ ଏତେ ବାଟ ଚାଲିବାରେ ଭାରି କଷ୍ଟ ଅନୁଭବ ହେଉଥିଲା । ଧୀରେ ଧୀରେ ଏହା ଅଭ୍ୟାସରେ ପଡ଼ିଗଲା । ଯାହା ହେଉ ସଫଳତାର ସହ ଏହି ଅଭିଯାନ ସାରି ଆମେ ଫେରିଥିଲୁ । ବାସ୍ ତା'ପରଠୁ ଏହି ଅର୍ଗାନାଇଜେଶନ ତରଫରୁ ଯେଉଁଠିକି ବି ଟ୍ରେକିଂ ପାଇଁ ଅଫର୍ ଆସେ ମୁଁ ଅଫିସ୍‌ରୁ ଛୁଟି ନେଇ →







ସଙ୍ଗୀତା ସିନ୍ଧି ବାହାଲ୍

ବାହାରିଯାଏ। ଏମିତିରେ ମୁଁ ରାଜସ୍ଥାନର ଜୈସାଲମେର୍ ମରୁଭୂମିର ବାଲିରେ ପ୍ରାୟ ୨୫ କି.ମି ଟ୍ରେକିଂ କରିଛି। ତା'ସହିତ ଗୋଆର ୱେଷ୍ଟର୍ନ ଘାଟକୁ ୨ଥର (ଥରେ ନିଜେ ଏବଂ ଥରେ ପରିବାର ସହ), ପିଣ୍ଡାରି ଗ୍ଲାସିୟରକୁ ଥରେ (ପରିବାର ସହ) ଦୁଧ୍‌ସାଗର ଜଳପ୍ରପାତକୁ ଥରେ (ପରିବାର ସହ) ଯାଇ ସେଠାରେ ମାଇଲ୍ ମାଇଲ୍ ବାଟ ଚାଲିଚାଲି ଆମେ ବୁଲିଛୁ ଆଉ ଅନେକ ନିଆରା ଅନୁଭୂତିମାନ ସାଉଁଟିଛୁ। ମୋ ଭଳି ମୋ ଧର୍ମପତ୍ନୀ ଜ୍ୟୋତ୍ସ୍ନା ରାଉତରାୟ ବି ଖୁବ୍ ସାହସୀ ଓ ଭ୍ରମଣପ୍ରିୟ। ଧର୍ମପତ୍ନୀ ଓ ମୁଁ ମିଶି ଅମରନାଥ ଯାତ୍ରା କରିଛୁ। ଶିବରାତ୍ରି ସମୟରେ ଦୁଇଥର ମହେନ୍ଦ୍ରଗିରି ପାହାଡ଼ ଉପରକୁ ଚଢି ଦେବଦର୍ଶନ କରିବାର ସୌଭାଗ୍ୟ ଲଭିଛୁ। ଏହାଛଡ଼ା ସ୍ପୋର୍ଟ୍ସ ଡିପାର୍ଟମେଣ୍ଟ ତରଫରୁ ମଝିରେ ମଝିରେ କୋଣାର୍କରୁ ଗୋପାଳପୁର ପର୍ଯ୍ୟନ୍ତ କୋଷ୍ଟାଲ୍ ଏରିଆ ଦେଇ ଚାଲିଚାଲି ଯିବାର ଏକ ନିଆରା ଅଭିଯାନ କରାଯାଇଥାଏ। ଏହି ଅଭିଯାନରେ ମୁଁ ମୋର କେତେଜଣ ସାଙ୍ଗଙ୍କ ସହ ମିଶି ସଫଳତାର ସହ ଥରେ ଯାତ୍ରା ଶେଷ କରିଛି। ଚାକିରି ସାଙ୍ଗକୁ ଏସବୁ କାର୍ଯ୍ୟକ୍ରମରେ ଭାଗ ନେବା ମୋତେ ସବୁବେଳେ ନିଆରା ଖୁସି ଦେଇଆସିଛି। ଚାକିରିରୁ ଅବସର ନେବା ପରେ ବି ବେଶ୍ କିଛି ବର୍ଷ ଯାଏ ମୁଁ ବିଭିନ୍ନ ଦୁଃସାହସିକ ଯାତ୍ରାରେ ଭାଗ ନେଇଛି। ଯେମିତିକି କେଦାରନାଥ ଟ୍ରେକିଂ (ପ୍ରାୟ ୧୧୭୦୦ ଫୁଟ), ଯମୁନେତ୍ରୀ ଟ୍ରେକିଂ (ପ୍ରାୟ ୧୧୦୦୦ଫୁଟ), ବୈଷ୍ଣୋଦେବୀ ଟ୍ରେକିଂ(ପ୍ରାୟ ୫୨୦୦ ଫୁଟ)। ସେହିପରି ଚଣ୍ଡିଗଡ଼ ଆଡ୍‌ଭେନ୍‌ଚର୍ କ୍ଲବ ତରଫରୁ ପ୍ରତିବର୍ଷ ବିଭିନ୍ନ ଦୁଃସାହସିକ କ୍ରୀଡ଼ା ଯେମିତିକି ଟ୍ରେକିଂ, ରେପେଲିଂ, ରକ୍ କ୍ଲାଇମ୍ବିଂ, ରିଭର୍ ରାଫ୍ଟିଂ, ପାରାସେଲିଂ ଆଦି କରାଯାଇଥାଏ; ଯେଉଁଥିରେ ଭାଗ ନେବାକୁ ବିଭିନ୍ନ ରାଜ୍ୟରୁ କ୍ରୀଡାବିତ୍‌ମାନେ ଆସିଥାନ୍ତି। ଚାକିରିରୁ ଅବସର ନେବା ପରେ ମୁଁ ବି ଥରେ ସେଠାକୁ ଯାଇଥିଲି ଏବଂ ସେଠାରେ ସବୁ ପ୍ରକାରର ଦୁଃସାହସିକ କ୍ରୀଡ଼ାରେ ଭାଗ ନେଇଥିଲି। ଏହା ମୋତେ ଭିନ୍ନ ଏକ ଅନୁଭୂତି ଦେଇଥିଲା। କେବଳ ସେତିକି ନୁହେଁ 'ୱାଇଲ୍ଡ ଓଡ଼ିଶା' ନାମକ ଏକ ଏନ୍‌ଜିଓର ମଧ୍ୟ ମୁଁ ଜଣେ ସଦସ୍ୟ। ଏହି ଏନ୍‌ଜିଓ ତରଫରୁ ଫରେଷ୍ଟ ଡିପାର୍ଟମେଣ୍ଟ ସାଙ୍ଗରେ ମିଶି ମୁଁ ପ୍ରାୟ ୧୪/୧୫ଥର ବାଘ ଗଣନା, ହାତୀ ଗଣନା, କୁମ୍ଭୀର ଗଣନା ଏବଂ ଚଢ଼େଇ ଗଣନାରେ ବି ଭାଗ ନେଇଛି। ଏବେ ମୋ ମା'ଙ୍କୁ ବୟସ ପ୍ରାୟ ୯୯ ବର୍ଷ ହେବ। ତାଙ୍କ ଦେହ ଅସୁସ୍ଥ ଥିବା ଯୋଗୁ ମୁଁ ତାଙ୍କୁ ଏକା ଛାଡି କୁଆଡ଼େ ଯାଇପାରୁନି। ସେଥିପାଇଁ ମୋ ଦୁଃସାହସିକ ଅଭିଯାନର ବେଗ ଏବେ ଟିକେ ମନ୍ଥର ହୋଇଯାଇଛି। ପରିସ୍ଥିତି ସୁଧୁରିଗଲେ ନୂଆ କରି ପୁଣିଥରେ ମୋ ଯାତ୍ରା ଆରମ୍ଭ କରିବାକୁ ଯୋଜନା ରଖିଛି।'

**ବୟସ୍କ ପର୍ବତାରୋହୀ ଶରଦ**

ମହାରାଷ୍ଟ୍ରର **ଶରଦ କୁଲକର୍ଣ୍ଣି**। ପର୍ବତାରୋହଣରେ ତାଙ୍କର ଥିଲା ଖୁବ୍ ରୁଚି। ସେ ଛୋଟମୋଟ କେତୋଟି ପର୍ବତାରୋହଣ ବି କରିଥିଲେ। ଧର୍ମପତ୍ନୀ ଅଞ୍ଜଳିଙ୍କୁ ଶରଦ ଖୁବ୍ ଭଲ ପାଉଥିଲେ। ଥରେ ସେ ଚିନ୍ତା କଲେ ଧର୍ମପତ୍ନୀଙ୍କୁ ସାଙ୍ଗରେ ନେଇ ବିଶ୍ୱର ୭ଟି ଉଚ୍ଚତମ ଗିରିଶୃଙ୍ଗ ବୁଲିବାକୁ ଯିବେ। ଧର୍ମପତ୍ନୀ ବି ଖୁସିରେ ଖୁସିରେ ଏ କଥାରେ ରାଜି ହୋଇଗଲେ। କାରଣ ଅଞ୍ଜଳି ବି ଥିଲେ ଖୁବ୍ ଭ୍ରମଣପ୍ରିୟ। ସେମାନେ ୨୦୧୯ ମସିହାରେ ପ୍ରଥମେ ମାଉଣ୍ଟ ଏଭରେଷ୍ଟ ଚଢିବାର ଅଭିଯାନ ଆରମ୍ଭ କରିଥିଲେ। ସେତେବେଳେ ଶରଦଙ୍କୁ ବୟସ ପ୍ରାୟ ୫୬ ବର୍ଷ ୫ ମାସ ହୋଇଥାଏ। କିନ୍ତୁ ଏହି ଯାତ୍ରା ଯେ ସେମାନଙ୍କ ପାଇଁ ଏତେ ବିପଦପୂର୍ଣ୍ଣ ହେବ ତାହା ସେମାନେ ଜାଣି ନ ଥିଲେ। ସେହି ବର୍ଷ ଏଭରେଷ୍ଟ ପର୍ବତାରୋହୀଙ୍କ ସଂଖ୍ୟା ଟିକେ ଅଧିକ ଥିବା ଯୋଗୁ ହିଲାରୀ ଷ୍ଟେପ୍ ନିକଟରେ ଭିଡ଼ ଅଧିକ ଜମିଗଲା। ଗୋଟିଏ ରଶି ସହାୟତାରେ ଏତେ ଲୋକ ତଳଉପର ହେବା ଭିତରେ ଅଞ୍ଜଳି ଚାପି ହୋଇ ଠିକ୍‌ରେ ନିଃଶ୍ୱାସ ପ୍ରଶ୍ୱାସ ନେଇପାରିଲେ ନାହିଁ। ଯଦ୍ୱାରା ତାଙ୍କର ଅକ୍ସିଜେନ୍ ଲେଭଲ୍ କମିଗଲା ଆଉ ସେ ମୃତ୍ୟୁବରଣ କଲେ। ଧର୍ମପତ୍ନୀଙ୍କ ମୃତ୍ୟୁରେ ଶରଦ ଭାଙ୍ଗିପଡିଲେ। ଅଧାରୁ ଏଭରେଷ୍ଟ ଯାତ୍ରା ବନ୍ଦ କରି ସେ ଫେରିଆସିଲେ। କିନ୍ତୁ ସେମାନେ ଦେଖିଥିବା ସ୍ୱପ୍ନ ପୂରଣ ନ କଲେ ଧର୍ମପତ୍ନୀଙ୍କ ଆତ୍ମା ଶାନ୍ତି ପାଇବନି ବୋଲି ହୃଦୟଙ୍ଗମ କରି ଶରଦ ପୁଣିଥରେ ପର୍ବତାରୋହଣ ପାଇଁ ନିଜକୁ ପ୍ରସ୍ତୁତ କଲେ। ବିଶ୍ୱର ଅନ୍ୟ କେତୋଟି ଉଚ୍ଚତମ ଗିରିଶୃଙ୍ଗ ଚଢିବା ସହିତ ଶେଷରେ ୨୩ ମେ ୨୦୨୩ରେ ସେ ମାଉଣ୍ଟ ଏଭରେଷ୍ଟର ଶିଖରରେ ପହଞ୍ଚିବାରେ ସଫଳତା ହାସଲ କରିଥିଲେ। କିନ୍ତୁ ଏଭରେଷ୍ଟ ଶିଖର ଛୁଇଁବା ପୂର୍ବରୁ ଯେଉଁଠାରେ ତାଙ୍କ ଧର୍ମପତ୍ନୀ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ, ସେଠାରେ ସେ ପ୍ରଥମେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଆଉ ଶିଖରରେ ପହଞ୍ଚି ତାଙ୍କ କଥା ମନେପକାଇ ଖୁବ୍ କାନ୍ଦିଥିଲେ। ତେବେ ଦ୍ୱିତୀୟ ପ୍ରୟାସରେ ଏଭରେଷ୍ଟ ଚଢିବାରେ ସଫଳତା ହାସଲ କଲାବେଳକୁ ଶରଦଙ୍କୁ ୬୦ ବର୍ଷ ଛୁଇଁସାରିଥିଲା। ତେଣୁ ଏହି ଯାତ୍ରା ତାଙ୍କୁ ବୟସ୍କ ଏଭରେଷ୍ଟ ଚଢାଳି ଭାବେ ନୂଆ ଏକ ପରିଚିତି ଆଣି ଦେଇଥିଲା। ଏ ବୟସରେ ବି ତାଙ୍କ ପାଦ ଥକି ଯାଇନି। ସେ ତାଙ୍କର ପର୍ବତାରୋହଣ ଯାତ୍ରା ଏବେ ବି ଜାରି ରଖିଛନ୍ତି।

**ବୟସ୍କା ପର୍ବତାରୋହୀ ଜ୍ୟୋତି**

ମଧ୍ୟପ୍ରଦେଶର **ଜ୍ୟୋତି ରାତ୍ରେ**। ସେ ଜଣେ ଫିଟ୍‌ନେସ୍ ଗାଇଡ୍, ମହିଳା ବ୍ୟବସାୟୀ ଏବଂ ତା'ସାଙ୍ଗକୁ ଜଣେ ପର୍ବତାରୋହୀ ବି। କୋଭିଡ୍ ସମୟରେ ଯେତେବେଳେ ଲକ୍ ଡାଉନ୍ ହୋଇଥିଲା, ସେହି ସମୟରେ ସେ ଫିଟ୍‌ନେସ୍ ପ୍ରତି ଟିକେ ବେଶି ଗୁରୁତ୍ୱ ଦେବାକୁ ଲାଗିଲେ। ପରେ ପରେ ତାଙ୍କ ଭିତରେ ବିଭିନ୍ନ ଦୁଃସାହସିକ କ୍ରୀଡ଼ା ପ୍ରତି ଆଗ୍ରହ ଆସିଲା। ଟ୍ରେକିଂ, ମାଉଣ୍ଟେନିଂ, ରକ୍ କ୍ଲାଇମ୍ବିଂ କରିବାକୁ ସେ କ୍ରମେ ଭଲ ପାଇଲେ। ତା'ପରେ ପର୍ବତାରୋହଣକୁ ରୁଚି କରିନେଲେ। ବିଶ୍ୱର ଉଚ୍ଚତମ ଗିରିଶୃଙ୍ଗଗୁଡ଼ିକର ଶିଖରକୁ ପର୍ବତାରୋହଣରେ ଯିବା ପାଇଁ ସେ ସ୍ୱପ୍ନ ଦେଖିଲେ। ତନ୍ମଧ୍ୟରୁ କିଛି ଗିରିଶୃଙ୍ଗ ସେ ଚଢିବାରେ ସଫଳତା ହାସଲ କଲେ ମଧ୍ୟ। ଆଉ ଶେଷରେ ୨୦୨୩ରେ ସେ ଯେତେବେଳେ ମାଉଣ୍ଟ ଏଭରେଷ୍ଟ ଚଢିବାର ଅଭିଯାନ ଆରମ୍ଭ କଲେ ତାଙ୍କ ଯାତ୍ରା ବେଶ୍ ଭଲରେ ଚାଲିଥିଲା। ପ୍ରାୟ ୭,୮୦୦ ମିଟର ଉଚ୍ଚତା ଯାଏଁ ସେ ଚଢିଗଲେ। ତା'ପରେ ଖରାପ ପାଣିପାଗ ପାଇଁ ସେ ଆଉ ଆଗକୁ ଯାଇପାରିଲେ ନାହିଁ। ସ୍ଥାନୀୟ କ୍ୟାମ୍ପରେ ସେ ୪ ଦିନ ଅପେକ୍ଷା କଲେ। ପରିସ୍ଥିତି ନ ସୁଧୁରିବାରୁ ସେ କଷ୍ଟେମଷ୍ଟେ ପୁଣି ଚଢିକି ଯାଇ ପରବର୍ତ୍ତୀ କ୍ୟାମ୍ପରେ ପହଞ୍ଚିଲେ; ଯାହାକି ପ୍ରାୟ ୮୦୦୦ ମିଟର ଉପରେ ଥିଲା। ଆଉ ମାତ୍ର କେଇ ମିଟରର ବ୍ୟବଧାନ ବାକି ଥିଲା ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ; କିନ୍ତୁ ଖରାପ ପାଣିପାଗ ପାଇଁ ସେ ଆଉ ଆଗକୁ ବଢିବାକୁ ସାହସ କଲେନି ସେଠାରୁ ଫେରିଆସିଲେ। ତା' ପରବର୍ଷ ଅର୍ଥାତ୍ ୨୦୨୪ ମେ ୧୯ରେ ସେ ଦ୍ୱିତୀୟଥର ଚେଷ୍ଟା କରି ମାଉଣ୍ଟ ଏଭରେଷ୍ଟ ଶିଖର ଛୁଇଁବାରେ ସଫଳତା ହାସଲ କଲେ। ସେତେବେଳକୁ ଜ୍ୟୋତିଙ୍କୁ ୫୫ ବର୍ଷ ହୋଇସାରିଥାଏ; ଯାହାକି ତାଙ୍କ ପାଇଁ ଏକ ନୂଆ ରେକର୍ଡ। ସୂଚନାନୁଯାୟୀ, ପୂର୍ବରୁ ୨୦୧୮ ମସିହାରେ ୫୩ ବର୍ଷ ବୟସର ଜଣେ ମହିଳା **ସଙ୍ଗୀତା ସିନ୍ଧି ବାହାଲ୍** ମାଉଣ୍ଟ ଏଭରେଷ୍ଟ ଶିଖର ଛୁଇଁବାରେ ସଫଳ ହୋଇଥିବା ଯୋଗୁ ତାଙ୍କୁ ବୟସ୍କା ମାଉଣ୍ଟ ଏଭରେଷ୍ଟ ଚଢାଳିର ମାନ୍ୟତା ମିଳିଥିଲା। କିନ୍ତୁ ୨୦୨୪ରେ ଜ୍ୟୋତି ୫୫ବର୍ଷ ବୟସରେ ଏଭରେଷ୍ଟ ଚଢିବାରେ ସଫଳତା ପାଇଥିବାରୁ ସେ ପୂର୍ବ ରେକର୍ଡକୁ ଭାଙ୍ଗି ନୂଆ ଏକ ରେକର୍ଡ କରିବାରେ ସଫଳ ହେଲେ।

ତେବେ ସେ ଯାହାବି ହେଉ, ପର୍ବତାରୋହଣ ଏତେ ସହଜ କଥା ନୁହେଁ। ଏହା ସମସ୍ତଙ୍କ ଦ୍ୱାରା ବି ସମ୍ଭବ ନୁହେଁ। ଯେଉଁମାନେ ସାହସୀ ଆଉ କିଛି ଭିନ୍ନ କରି ଦେଖାଇବାର ଇଚ୍ଛା ଶକ୍ତି ଯାହାଙ୍କ ପାଖେ ରହିଛି ସେମାନେ ଏଥିରେ ସଫଳ ହୋଇଥାନ୍ତି।

–ଅନ୍ୱିତା ମିଶ୍ର



ଜ୍ୟୋତି ରାତ୍ରେ




ପର୍ଶୁରାମ ପଣ୍ଡା

# ବାହାଘର କଥା ପ୍ରଭୁଙ୍କ ଉପରେ ଛାଡ଼ି ଦେଇଛି



**ଆଲବମ୍ କୁଇନ୍ ସେ। ଦିନେ ରସିକିଆ ହିନ୍ଦୀ ମାଷ୍ଟର... ଗୀତରେ ଚହଳ ପକାଇଥିଲେ। ପୁଣି ବଡ଼ ପରଦାରେ କେବେ ସେ ନିଜ ଗ୍ଲାମର୍‌ରେ ଦର୍ଶକଙ୍କୁ ଘାଇଲା କରିଛନ୍ତି ତ ଆଉ କେବେ 'ସୀତା: ସଂଘର୍ଷର କାହାଣୀ' ଓ 'ଭଗିଆ ଭାରିଯା' ଭଳି ଚଳଚ୍ଚିତ୍ରରେ ସାଧାରଣ ମଣିଷର କଥାକୁ ନିଚ୍ଛକଭାବେ ଉତାରି ଦର୍ଶକଙ୍କ ମନ ଜିଣିଛନ୍ତି। ସେ ହେଉଛନ୍ତି ଅଭିନେତ୍ରୀ ଦେବଯାନୀ ଦେଘୁରିଆ। ତାଙ୍କ କଥା ତାଙ୍କ ମୁହଁରେ..**

**ଛୋଟବେଳୁ ମିଳିଥିଲା ସଙ୍କେତ:** ଆମ ଘର ପଶ୍ଚିମବଙ୍ଗରେ। ହେଲେ ଜନ୍ମ ବାଲେଶ୍ୱର, ସହଦେବଖୁଣ୍ଟାରେ। ଜନ୍ମବେଳେ ମୋର ଓଜନ ୫ କିଲୋ ଥିଲା। ଡାକ୍ତର ମୋତେ ଧରି ସାରା ମେଡିକାଲ ବୁଲାଇ ସମସ୍ତଙ୍କୁ ଦେଖାଇଥିଲେ। ଆଉ ମୋ ମା'ବାପାଙ୍କୁ କହିଥିଲେ- ଝିଅ ଖୁବ୍ ସୁନ୍ଦର ଓ ସୁସ୍ଥ ହୋଇଛି। ପିଲାଙ୍କ ବିଜ୍ଞାପନରେ ତାକୁ ଦେବେ। ବଡ଼ ହେଲେ ଯେ, ମୁଁ ଅଭିନେତ୍ରୀ ହେବି ବୋଧହୁଏ ଭଗବାନ୍ ଏମିତିଭାବେ ସଙ୍କେତ ଦେଇଥିଲେ। ହେଲେ ଛୋଟବେଳେ ମୁଁ ବହୁତ ଶାନ୍ତ, ଡରକୁଳା ଓ ଲାଜୁଆ ସ୍ୱଭାବର ଥିଲି। କଥା କଥାକେ କାନ୍ଦି ପକାଉଥିଲି। ଏମିତି ନିରୀହ ଝିଅଟେ ମୁଁ ଥିଲି। ତେଣୁ ଅଭିନେତ୍ରୀ ହେବି ବୋଲି ମୁଁ କେବେ ଭାବି ନ ଥିଲି।

**ସଂଘର୍ଷ :** ବାପା ବାଲେଶ୍ୱରର ଏକ କମ୍ପାନୀରେ କାମ କରୁଥିଲେ। ମତେ ଯେତେବେଳେ ବୟସ ମାତ୍ର ୧୩ ବର୍ଷ, ସେହି କମ୍ପାନୀର ବାଲେଶ୍ୱର ଫ୍ୟାକ୍ଟ୍ରି ବନ୍ଦ ହୋଇଗଲା। ଆମ ଘରର ଆର୍ଥିକ ସ୍ଥିତି ଦୋହଲି ଗଲା। ଏମିତି ସମୟ ଆସିଲା ଯେ, ଆମେ ଠୁଙ୍ଗା ତିଆରି କରି ଚଳିଲୁ। ସ୍କୁଲରୁ ଆସିବା ପରେ ମୁଁ ଠୁଙ୍ଗା ତିଆରି କରୁଥିଲି। ମା' ଏକ ସିଲେଇ ମେଶିନ ଆଣି ସିଲେଇ କରିବା ବି ଆରମ୍ଭ କରିଥିଲେ। ସେଇଥିରୁ ଯାହା ରୋଜଗାର ହେଉଥିଲା ବଡ଼ କଷ୍ଟରେ ଚଳୁଥିଲୁ।

**ଅଭିନୟର ଆରମ୍ଭ:** ଥରେ ମୋ ମା' ଇ-ଟିଭିରେ ଦେଖିଲେ ପିଲାମାନେ ଅଡିଶନ୍ ଦେବା ଲାଗି ଏକ ବିଜ୍ଞାପନ ସ୍କ୍ରୋଲ୍‌ରେ ଚାଲିଥିଲା। କାମ ମିଳିଗଲେ ଘରର ଆର୍ଥିକସ୍ଥିତି କିଛିଟା ସୁଧୁରିବ ଭାବି ମା' ମୋତେ ସେ ଅଡିଶନକୁ ନେଇକି ଗଲେ। ତେବେ ସେ ଅଡିଶନ ଏକ ଡ୍ୟାନ୍ସ ପ୍ରୋଗ୍ରାମ ପାଇଁ ଥିଲା। ନାଚରେ କିଛି ବିଧିବଦ୍ଧ ତାଲିମ ନ ନେଇଥିବାରୁ ସେଥିରେ ସିଲେକ୍ଟ ହେଲିନି ସତ ହେଲେ ସେଠି ଜଣେ ମୋ ମା'ଙ୍କୁ କହିଲେ ଝିଅକୁ ଅଭିନୟ ଲାଇନ୍‌ରେ ଛାଡ଼ନ୍ତୁ। ଡ୍ୟାନ୍ସ କଲାବେଳେ ତା'ର ଏକ୍ସପ୍ରେଶନ୍ ବହୁତ ଭଲ ଥିଲା। ତା'ର ଏକ ଫଟୋସୁଟ୍ ବି କରାନ୍ତୁ। ଏହାପରେ ମୋର ଫଟୋସୁଟ ହେଲା। ସେହି ଫଟୋକୁ ଦେଖି ଅଭିନେତ୍ରୀ ଅନୁ ଚୌଧୁରୀଙ୍କ ବାପା ତାଙ୍କ ଫିଲ୍ମ ପାଇଁ ମୋତେ ଭୁବନେଶ୍ୱର ଡାକିଥିଲେ। ହେଲେ ଦୁର୍ଭାଗ୍ୟବଶତଃ ଫିଲ୍ମଟି ହୋଇପାରିଲାନି। ପରେ ବାଲେଶ୍ୱରର ସଞ୍ଜୀବ ଦ୍ୱିବେଦୀ ମୋତେ ତାଙ୍କ ମ୍ୟୁଜିକ ଭିଡିଓରେ ଚାନ୍ସ ଦେଲେ। ଆଉ ମୋର ଅଭିନୟ କ୍ୟାରିୟର ଆରମ୍ଭ ହେଲା। ଏହାପରେ ଅନେକ ଆଲବମ୍‌ର ଅଫର୍ ଆସିଲା। ସେତେବେଳେ ଏତେ କାମ ମିଳୁଥିଲା ଯେ, ଗୋଟେ ଦିନରେ ୩-୪ଟା ଆଲବମ୍‌ର ଶୁଟିଂ କରୁଥିଲି। ଏହାପରେ ଫିଲ୍ମରେ ବି କାମ କଲି। ଏତେ କମ୍ ବୟସରୁ ଏତେ କାମ କରୁଥିଲି ଯେ ଶୋଇପାରୁ ନ ଥିଲି। ଏତେସବୁ କଷ୍ଟ ଖାଲି ପରିବାର ପାଇଁ କରୁଥିଲି। ଘର ଚଳିବା ଓ ସାନ ଭାଇର ପଢ଼ାଖର୍ଚ୍ଚ ପାଇଁ ଗାଁକୁ ଟଙ୍କା ପଠାଉଥିଲି। ମୁଁ କଟକରେ ରହୁଥିବାରୁ ନିଜର ଖର୍ଚ୍ଚ ବି ଥିଲା। ଟଙ୍କାର ଆବଶ୍ୟକତା ବହୁତ ଥିଲା। ତେଣୁ ମେଶିନ୍ ଭଳି କାମ କରୁଥିଲି। ଉଭୟ ଆଲବମ୍ ଓ ଫିଲ୍ମରେ କାମ କରିବା ସହ ପାଠ ବି ପଢୁଥିଲି। ଆଉ ଗ୍ରାଜୁଏଶନ୍ କମ୍ପ୍ଲିଟ୍ କଲି।

**ଫିଲ୍ମ ନା ଆଲବମ୍:** ଉଭୟରେ କାମ କରିବାର ମଜା ଅଲଗା। ହେଲେ ଫିଲ୍ମରେ ଅଭିନୟର ଦକ୍ଷତା ଦେଖାଇବାର ଅଧିକ ସୁଯୋଗ ମିଳୁଥିବାରୁ ଫିଲ୍ମରେ କାମ କରିବାକୁ ବେଶି ଭଲ ଲାଗେ। ମୁଁ ଛତିଶଗଡ଼ୀ ଓ ବେଙ୍ଗଲୀ ଫିଲ୍ମରେ ବି କାମ କରିଛି।

**ସଂଘର୍ଷ ମୁତାବକ ଫଳ:** ନା, ସଂଘର୍ଷ ମୁତାବକ ଫଳ ପାଇନି। ମୁଁ ସଚ୍ଚୋଟତାର ସହ କାମ କରିବାକୁ ଭଲ ପାଏ। ରାଜନୀତି କରିପାରେନା। ହେଲେ ମୋ ସହ ଏହା ହୋଇଛି। ଆଉ ଅନେକଥର ରାତାରାତି କାଷ୍ଟିଂରୁ ଆଉଟ୍ ହୋଇଛି। ତଥାପି ଯେତିକି କାମ ମିଳିଛି ତାକୁ ଠିକ୍ ଭାବେ ତୁଲାଇବାକୁ ଚେଷ୍ଟା କରିଛି। ତେବେ ନିକଟରେ ମୁଁ ଅଭିନୟ କରିଥିବା ସୀତା ଚଳଚ୍ଚିତ୍ରକୁ ଗ୍ଲୋବାଲ ଇଣ୍ଡିପେଣ୍ଡେଣ୍ଟ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆରେ ତୃତୀୟ ଶ୍ରେଷ୍ଠ ଚଳଚ୍ଚିତ୍ରଭାବେ ଚୟନ କରାଯାଇଥିବାରୁ କିଛିଟା ଆତ୍ମସନ୍ତୋଷ ମିଳିଛି।

**ଜୀବନସାଥୀ:** ବାହାଘର କଥା ମୁଁ ପ୍ରଭୁଙ୍କ ଉପରେ ଛାଡ଼ି ଦେଇଛି। ଯଦି ବି ଲାଇଫ୍‌ରେ କେହି ଅଛନ୍ତି ବା ଆସନ୍ତି, ଯେ ପର୍ଯ୍ୟନ୍ତ ବେଦିରେ ବସି ସିନ୍ଦୂର ନ ପିନ୍ଧିଛି ସେ ପର୍ଯ୍ୟନ୍ତ କିଛି କହି ହେବନି। ହେଲେ ମୁଁ ବାହାଘର ପାଇଁ ଇଣ୍ଡଷ୍ଟ୍ରି ଭିତରର ପୁଅ ଅପେକ୍ଷା ବାହାରର ପୁଅକୁ ଅଧିକ ପ୍ରିଫର କରିବି।

**ଫିଟ୍‌ନେସ୍:** ମୁଁ ଡାଏଟ୍ ପ୍ରତି ଧ୍ୟାନ ଦିଏ। ଘର ଖାଦ୍ୟ ଖାଇବାକୁ ବେଶି ପ୍ରିଫର୍ କରେ। ଜଗିଂ, ଯୋଗ, ପିଲେଟ୍ସ କରିବା ସହ ଜିମ୍ ବି ଯାଏ। ଯଦି କେବେ କିଛି ବ୍ୟାୟାମ କରି ନ ହୁଏ ମଲ୍ ଯାଏ ଚାଲି ଚାଲି ଶପିଙ୍ଗ୍ କରିବାକୁ।

**ବିଉଟି ପାଇଁ:** ଜୁସ୍, ସାଲାଡ, ଗ୍ରୀନ ଭେଜିଟେବ୍‌ଲ ବେଶି ଖାଏ। ଯେତେ ରାତି ହେଲେ ବି ମେକ୍‌ଅପ୍ ରିମୁଭ କରେ। ସବୁଦିନ ସନ୍‌ସ୍କ୍ରିନ ଲଗାଏ, ଭିଟାମିନ୍ ଟାବଲେଟ୍ ଖାଏ। ଗଟ୍ସ ହେଲ୍‌ଥକୁ ବି ଗୁରୁତ୍ୱ ଦିଏ। କାରଣ ଭିତର ସଫା ଥିଲେ ଚେହେରାରେ ଆପେ ଗ୍ଲୋ ଆସେ।

**ପ୍ରିୟ ଖାଦ୍ୟ:** ମୁଁ ବେଙ୍ଗଲୀ ଝିଅ। ମତେ କ୍ଷୀର ଭାତ, ଆଳୁପୋସ୍ତ ବହୁତ ଭଲ ଲାଗେ।

**ବୁଲିବା ପସନ୍ଦ:** ମତେ ରାଜସ୍ଥାନ ପରି ଐତିହାସିକ ସ୍ଥାନ ବୁଲିବାକୁ ଭଲ ଲାଗେ ।

**ଅଭିନେତ୍ରୀ ନ ହୋଇଥିଲେ:** ଅଭିନେତ୍ରୀ ନ ହୋଇଥିଲେ ବ୍ୟବସାୟ କରିଥାନ୍ତି। ପିଲାଦିନେ କିନ୍ତୁ ଭାବୁଥିଲି ଏୟାରହୋଷ୍ଟେସ୍ ଅବା ପୋଲିସ ହେବି ବୋଲି।

**ହବି:** ବ୍ୟାଡମିଣ୍ଟନ ଖେଳିବା, ଫିଲ୍ମ ଦେଖିବାକୁ ଭଲ ଲାଗେ। ତା'ସହ ପେଟ୍ ଡଗ୍ ଗୁଲୁ ସହ ଖେଳିବା ଓ ନିଜକୁ କିଛି ସମୟ ଦେଇ ଶାନ୍ତ ପରିବେଶରେ ରହିବାକୁ ପସନ୍ଦ କରେ।

**ଡର ଲାଗେ:** ଖଳପ୍ରବୃତ୍ତିର ମଣିଷଙ୍କୁ ଡରେ। ଏହାବାଦ୍ ଗ୍ୟାସ୍ ସିଲିଣ୍ଡର, ଅଧିକ ଉଚ୍ଚତା ଓ ସାପକୁ ଡରେ।

**କଷ୍ଟ ଲାଗେ:** ମୁଁ ବହୁତ ଇମୋଶନାଲ ଝିଅ। କେହି ମତେ ଠକିଲେ କି ଧୋକା ଦେଲେ ଭାରି କଷ୍ଟ ଲାଗେ। ଥରେ ଜଣେ ମତେ ଧୋକା ଦେଇଥିଲେ ଯାହାକି ବହୁତ କଷ୍ଟ ଲାଗିଥିଲା। ତା'ଛଡ଼ା ଯେବେ ଯେବେ ରାତାରାତି କାଷ୍ଟିଂରୁ ଆଉଟ୍ ହେଇଛି ସେଇଟା ଭାରି କଷ୍ଟ ଲାଗିଛି।

**ସିକ୍ରେଟ୍ ଶେୟାର କରେ:** କିଛି କଥା ମା'ଙ୍କୁ କହେ। କିଛି ନିଜ ଭିତରେ ଚାପି ରଖେ। ମୋ ବେଷ୍ଟ ଫ୍ରେଣ୍ଡ୍ ପାୟଲ ଜୟସ୍ୱାଲ ସହ ବି କିଛି ଶେୟାର କରେ।

**ଡ୍ରିମ୍ ରୋଲ:** ଐତିହାସିକ ଫିଲ୍ମରେ କାମ କରିବାକୁ ଇଚ୍ଛା ଅଛି।

**ସାଟିସ୍‌ଫେକ୍ସନ:** କଳାକାରକୁ କେବେ ବି ଫୁଲ୍ ସାଟିସଫେକ୍ସନ ମିଳେନି। ଯେତେ ଭଲ କଲେ ବି ଲାଗେ ଆହୁରି ଭଲ କରିପାରିଥାନ୍ତି। ନେକ୍ସଟ୍ ପ୍ରୋଜେକ୍ଟରେ ୟାଠୁ ଭଲ କରିବି। ମୋ ମତରେ କଳାକାରଙ୍କୁ ଯଦି ସାଟିସଫେକ୍ସନ ମିଳିଯାଏ, ସେଇଠି କାମ କରିବାର ଇଚ୍ଛା ବି ମରିଯିବ।

-ଶିବାନୀ ମହାନ୍ତି









# ଗୀତ ମୋ ପ୍ରେମିକା, ସଂଳାପ ମୋ ସ୍ତ୍ରୀ








ଓଡ଼ିଆ ଚଳଚ୍ଚିତ୍ର ଜଗତରେ ତାଙ୍କର ପରିଚୟ ସ୍ୱତନ୍ତ୍ର । ଏକାଧାରାରେ ସେ ଜଣେ ଶିଶୁ ସାହିତ୍ୟକ, କବି, କଳାକାର, ଲେଖକ, ସଂଳାପକାର, ଗୀତିକାର,କାହାଣୀକାର ତଥା ଶିକ୍ଷାବିତ୍‌ଭାବେ ପରିଚିତ। ପ୍ରାୟ ୩ ଦଶନ୍ଧି ଧରି ତାଙ୍କ କଲମମୁନରେ ସୃଷ୍ଟି କରିଛନ୍ତି ଅନେକ ସଂଳାପ ଓ ଗୀତ। ତାଙ୍କର ବହୁମୁଖୀ ପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ବହୁ ସମ୍ମାନ ଓ ପୁରସ୍କାର । ସେ ହେଲେ ଡ. ରଜନୀରଞ୍ଜନ ଦାଶ। ଜନ୍ମ ୨୨ ଡିସେମ୍ବର ୧୯୫୯ମସିହାରେ। ମାତା– ସୁଶୀଳାପ୍ରଭା ଦାଶ, ପିତା– ରବିନାରାୟଣ ଦାଶ। ଘର ଖୋର୍ଦ୍ଧା ଜିଲାର ବାଲକାଟି ପୁରୁଣା ମକଦ୍ଦମ ସାହିରେ। ସେ କୁହନ୍ତି, ‘‘ଆମ ଘରେ ମୋ ନନା (ବାପା) ଜଣେ ଗୀତିକାର ଓ ବୋଉ ଲେଖିକା, ଗାୟିକା । କହିବାକୁ ଗଲେ ଆମ ପରିବାରରେ ଚାଲେ ସାହିତ୍ୟ ଓ କଳା,ସଂସ୍କୃତି ଆସର। ଏଥିଯୋଗୁ ପିଲାଟିଦିନରୁ ଏହାର ପ୍ରଭାବ ପଡ଼ିଥିଲା ମୋ ଉପରେ । ସେତେବେଳେ ମନରେ ଉଙ୍କିମାରୁଥିବା ଭାବନାକୁ ସାହିତ୍ୟରେ ପ୍ରକାଶ କରୁଥିଲି। ସ୍କୁଲ ବୟସରୁ ଲେଖାଲେଖି ପ୍ରତି ମନବଳାଇଥିଲି। ଗାଁ ସ୍କୁଲରେ ପ୍ରାଥମିକ ଓ ହାଇସ୍କୁଲ ପଢ଼ା ସରିଲା ପରେ କଲେଜରେ ପଢ଼ିଲି । ସମୟକ୍ରମେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ଏବଂ ପିଏଚ୍‌.ଡି. ସାରିଲି। ତା’ ପରେ ଅଧ୍ୟାପନାକୁ ବୃତ୍ତିଭାବେ ନେଇ ଜୀବନ ଆରମ୍ଭ କରିଥିଲି। ଯାହାମଧ୍ୟରେ ପ୍ରତାପଶାସନ ମହାବିଦ୍ୟାଳୟରେ ଅଧ୍ୟକ୍ଷ, ପରେ ବେଗୁନିଆ ମହାବିଦ୍ୟାଳୟ, ଜଟଣୀ ମହାବିଦ୍ୟାଳୟରେ ଅଧ୍ୟାପନା ଏବଂ ଭୁବନେଶ୍ୱର ଦେବରାୟ କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଇଛି। କିନ୍ତୁ ଏହା ବାଦ୍‌ ବି ଲେଖାଲେଖି ଜାରି ରହିଥାଏ। ପ୍ରଥମେ ଶିଶୁ ସାହିତ୍ୟ ନାଗକନ୍ୟା, କୁନି ଗୁଇନ୍ଦା, କୁନିର କାହାଣୀମାଳା, ରଜନୀ ରଜନଙ୍କ ମଜାଗଳ୍ପ, ଛୋଟ ଜଙ୍ଗଲର କାହାଣୀ, ଝୁମୁରୁ ଝାଇଁ, କିଏ କେମିତି ରାବେ, ନିର୍ଝରକା, ନହୁଏ ତାକୁ ରୋଗ ଆଦି ରଚନା କରିଥିଲି। ସେହିପରି ଶିଶୁ ପତ୍ରିକା ଟିକିଫୁଲ ଓ ବାଲିରାଇଜ ଓ ଧୋରେ ବାୟା ଧୋ ଆଦି ପତ୍ରିକାର ସମ୍ପାଦନା କରିଥିଲି। ମୋର ୧୪ ଗୋଟି ଶିଶୁ ପୁସ୍ତକ ପ୍ରକାଶିତ ହୋଇସାରିଛି। ଗୋଟିଏ ଛୋଟ ନାଟକ ଅଚିହ୍ନା ସହରର ନକ୍ସା, କବିତା ଓ ଶିଶୁ ସାହିତ୍ୟ ପାଇଁ ବହୁବାର ପୁରସ୍କୃତ ହୋଇଛି। ୨ଖଣ୍ଡ କବିତା ପୁସ୍ତକ, ୬ଟି ଚିତ୍ରନାଟ୍ୟ ପୁସ୍ତକ ରଚନା କରିଛି। ଏଯାଏ ପ୍ରାୟ ଶହେଟି ଚଳଚ୍ଚିତ୍ରରେ ଗୀତ, ସଂଳାପ ,ଚିତ୍ରନାଟ୍ୟ , କାହାଣୀ ବ୍ୟତୀତ ୨୨ଟି ଧାରାବାହିକ ପାଇଁ ସଂଳାପ, ୧୨ଟି ଧାରାବାହିକର ଟାଇଟଲ ଗୀତ ରଚନା ସହିତ ଏକାଧିକ ପୁସ୍ତକ ରଚନା କରିସାରିଛି। ଜଣେ ସଂଳାପକାର ଭାବରେ ମୋତେ ମିଳିଛି ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ସ୍ୱତନ୍ତ୍ର ପରିଚୟ। ମୋ ରଚିତ ସଂଳାପକୁ ନେଇ ସିନେମାଗୁଡିକ ମଧ୍ୟରେ ରହିଛି ମୋ ଭାଇ ଜଗା, ଏମନ ମାନେନା, ଜୟ ଜଗନ୍ନାଥ, ସଞ୍ଜୁ ଆଉ ସଜନା,ନନ୍ଦିନୀ ଆଇ ଲଭୟୁ, ପ୍ରେମରୋଗୀ, ପ୍ରେମ ଅଢ଼େଇ ଅକ୍ଷର, ଲୋଫର, ଗୁଡ୍‌ବୟ, ପହିଲିରଜ, ପିଲାଟା ବିଗିଡ଼ିଗଲା, ବଜରଙ୍ଗୀ, ତୁ ମୋ ହିରୋ ଏବଂ ଫୋର ଇଡିୟଟ। ଗୀତିକାର ଭାବେ – ମୋ ଭାଇ ଜଗା, ହସିବ ମୋ ସୁନାସଂସାର, ଲଭ ଡଟ୍‌କମ୍‌, ସପନର ନାୟିକା ଆଦି ଚଳଚ୍ଚିତ୍ର ପାଇଁ ଗୀତ ରଚନା କରିଥିଲି। ମୋତେ ଚଳଚ୍ଚିତ୍ରରେ ପ୍ରଥମେ ପ୍ରବେଶ କରିବାରେ ସୁଯୋଗ ମିଳିଥିଲା ସଙ୍ଗୀତ ନିର୍ଦ୍ଦେଶକ ନାରାୟଣ ରଥ ଓ ନିର୍ଦ୍ଦେଶକ ରଜନୀକାନ୍ତ ସାମନ୍ତରାୟଙ୍କଠାରୁ । ସେମାନେ ମୋତେ ଗୀତିକାର ହେବାକୁ ସୁଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ସଂସ୍ପର୍ଶରେ ଆସିଲି। ତାଙ୍କର ଚଳଚ୍ଚିତ୍ର ଜୟ ଜଗନ୍ନାଥ ପାଇଁ ମୁଁ ସଂଳାପ ଲେଖିଥିଲି ଯାହା ୧୬ ଭାଷାରେ ଡବିଂ ହୋଇଥିଲା । ତେବେ ୧୯୮୯ ମସିହାରେ ପ୍ରଥମେ ଗୀତ ରଚନା କରିଥିଲି। ୧୯୯୨ରେ ମୋ ଭାଇ ଜଗାରେ ପ୍ରଥମେ ସଂଳାପ ଲେଖିଥିଲି। ନଈ ଏପାରି ତୁ ନଈ ସେପାରି..। ପରେ ଭାଗ୍ୟଚକ୍ର ଚଳଚ୍ଚିତ୍ରରେ ୪ଟି ଗୀତ ଓ ସଂଳାପ , ଜଗାବଳିଆରେ ଗୀତ ଲେଖିଥିଲି। ପରେ ଧୀରେ ଧୀରେ ସଂଳାପ ଆଡ଼କୁ ଗତି କରିଥିଲି। ସଂଳାପ ଓ ଗୀତର ପରୀକ୍ଷା ନିରୀକ୍ଷା କରିଥାଏ। ସଂଳାପ ଓ କାହାଣୀଟିଏ ଲେଖିବା ପୂର୍ବରୁ ବହୁ କିଛି ପଢ଼ିବାକୁ ହୋଇଥାଏ । ମାତ୍ର ଆଜିକାଲି ଅନେକେ ବିନା ଅଭିଜ୍ଞତାରେ ଏମିତି କିଛି ସଂଳାପ ଓ ଗୀତ ଲେଖୁଛନ୍ତି ଯାହା ସମାଜରେ ଭିନ୍ନ ଭାବ ସୃଷ୍ଟିକରେ। କିନ୍ତୁ ପ୍ରଥମେ ନିଜ ମାତୃଭାଷା ସହ ଓଡ଼ିଆ ଭାଷା ସାହିତ୍ୟର ମୌଳିକତାକୁ ଜାଣନ୍ତୁ। ଏକଥା ମନେରଖିବାକୁ ହେବ ଯେ ଆମର ପ୍ରାଚୀନ ଭାଷା ସାହିତ୍ୟରେ ଭରପୂର ସଂଳାପ ରହିଛି। କେବଳ ଶବ୍ଦକୁ ଯୋଡ଼ିଦେଲେ ସଂଳାପ ହୁଏନା, ସଂଳାପ ଭାବାବେଗ ଓ ବାସ୍ତବମୁଖୀ ହେବା ଉଚିତ। କାହାଣୀ ଓ ସଂଳାପ ସାଧାରଣ ଦର୍ଶକଙ୍କ ମନକୁ ଛୁଇଁଲାପରି ହେବା ଦରକାର। ଏକଥା ସତ ଯେ ଗୋଟିଏ ଚଳଚ୍ଚିତ୍ର ନିର୍ମାଣ କରିବା ଏତେ ସହଜ ନୁହେଁ। କାହାଣୀର ମୌଳିକତା ରହିବା ଜରୁରୀ। ପ୍ରଫେସନ ଆଉ ପ୍ୟାଶନ ଭିତରେ କେବେ ସାଲିସ କରିନାହିଁ। ଗୀତ ମୋ ପ୍ରେମିକା ସଂଳାପ ମୋ ସ୍ତ୍ରୀ ଉଭୟେ ମୋ ପ୍ରିୟ । ପ୍ରଥମେ ଇଚ୍ଛା ଥିଲା ଗୀତକାର ହେବି, ପରେ ସଂଳାପ ଓ କାହାଣୀ ମତେ ଭିନ୍ନ ପରିଚୟ ଦେଲା। ବୋଉ ଚଳଚ୍ଚିତ୍ରରେ ମମତା ନଈରେ...ସୁନା ବୋଇତ ହସିବ ,ପୁଣି ମୋ ସୁନାସଂସାର , ଜୀଇଁବାର ମାନେ ଯଦି ଜୀବନ ହୁଏ। ଲଭ ଡଟ୍‌କମ୍‌ ଚଳଚ୍ଚିତ୍ରରେ ‘ସବୁ ପାପର ପ୍ରାୟଶ୍ଚିତ୍ତ ଥାଏ, ସବୁ ଭୁଲ୍‌ର କ୍ଷମା’ ବହୁଚର୍ଚ୍ଚିତ ହୋଇଥିଲା। । ସ୍ରଷ୍ଟା ପକ୍ଷରେ ସବୁ ସୃଷ୍ଟି ସମାନ। ତେବେ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ୧୬ଟି ଭାଷାରେ ନିର୍ମିତ ଜୟ ଜଗନ୍ନାଥ ମତେ ବହୁ ଆତ୍ମାସନ୍ତୋଷ ଦେଇଛି। ଆଗାମୀ ଚଳଚ୍ଚିତ୍ର ରାଣ୍ଡୀ ପୁଅ ଅନନ୍ତା, ମିଡ୍‌ ନାଇଟ, ସ୍କୁଲ ଡାଏରୀ, ଆରୋହୀ,ରଙ୍ଗଶୁର ପ୍ରଭୃତି ମୁକ୍ତି ଅପେକ୍ଷାରେ। ମୋର ପ୍ରଥମ ପ୍ରେରଣା ଥିଲେ ମୋ ନନା ଓ ବୋଉ। ହେଲେ ମୋ ନନାଙ୍କ ଗୀତ ପରି ଗୀତଟିଏ ଲେଖିପାରିଲିନାହିଁ। ସଂଳାପ କ୍ଷେତ୍ରରେ ପ୍ରଶାନ୍ତ ନନ୍ଦ ମୋର ଆଦର୍ଶ। ସରଳ ଶବ୍ଦ ଓ ବାକ୍ୟକୁ ନେଇ ଚମତ୍କାର ନାଟକୀୟ ସୃଷ୍ଟି କରାଯାଇପାରେ, ଏହା ତାଙ୍କଠାରୁ ଶିଖିଛି। ନୂଆ କାମ ଆସିଲେ ଗୀତକୁ ଦେଖିକି ସଂଳାପ ,କାହାଣୀ ଓ ସିକୁଏନ୍ସର ଭୂତ ମୋ ଉପରେ ସବାର ହୋଇଯାଏ। ମୋର ମନେପଡୁଛି ବୋଉ ଚଳଚ୍ଚିତ୍ର ଶୀର୍ଷକ ଗୀତରେ ମୁଁ ମଝିରେ ଅଟକି ଯାଇଥିଲି। ଧାଡ଼ିଏ ବି ଜାଗାକୁ ବଢ଼ିବା ସମ୍ଭବ ନ ଥିଲା । ରାତିରେ ସ୍ୱପ୍ନରେ ମୋ ବୋଉ ଆସି ମୋ ମଥା ଆଉଁଶି ଦେଉଥିଲା। ତା’ ପରଦିନ ଆପେ ଆପେ ଗୀତର ଲାଇନ ଆସିଯାଇଥିଲା ; ଯାହାକି ଏବେ ଅଭୁଲା ଅନୁଭୂତି । ମୋ ପ୍ରତିଭା ପାଇଁ ୩ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର,୨୦୦୭ରେ ଶ୍ରେଷ୍ଠ ଗୀତିକାର,ଭାଗ୍ୟଚକ୍ର ୨୦୧୧ରେ, ମୁଁ ପ୍ରେମୀ ମୁଁ ପାଗଳର ଶ୍ରେଷ୍ଠ ସଂଳାପକାର, ୨୦୨୪ରେ ଶହୀଦ ରଘୁ ସର୍ଦ୍ଦାର ଶ୍ରେଷ୍ଠ ସଂଳାପକାର, ୩ଥର ସିନେ କ୍ରିଟିକ୍‌ ପୁରସ୍କାର, ଶ୍ରେଷ୍ଠ ଗୀତିକାର, ୫ଥର ଚଳଚ୍ଚିତ୍ର ଜଗତ ଓ ବାଣୀଚିତ୍ର ପୁରସ୍କାର, ନାଟକ ନିମନ୍ତେ ରାଜ୍ୟ ପୁସ୍ତକମେଳା ପୁରସ୍କାର୨୦୨୩, ଶ୍ରେଷ୍ଠ ସଂଳାପ ପାଇଁ ତରଙ୍ଗ ସିନେ ପ୍ରଡକସନ ଓ ଜୀ ସାର୍ଥକ ଆଦି ବହୁ ଅନୁଷ୍ଠାନରୁ ପୁରସ୍କାର ମିଳିଛି। ଆଉ ଗୋଟେ କଥା ମନେପଡୁଛି –ଥରେ ଗୀତ ରେକର୍ଡିଂ ସାରି (ମୋ ପ୍ରଥମ ଫିଲ୍ମ, ଏଇ ସଂଘର୍ଷ –୧୯୮୯ରେ) ରାତିରେ କଳିଙ୍ଗ ଷ୍ଟୁଡିଓରୁ ଫେରିବା ବାଟରେ ହାତୀପଲ ସହ ମୁହାଁମୁହିଁ ହୋଇଥିଲି, ଯାହା ଏ ଯାଏ ମନରୁ ପାସୋରିନାହିଁ। ହଁ , ମୁଁ ସବୁ ଡାଇରେକ୍ଟର , ପ୍ରଡ୍ୟୁସରଙ୍କ ପାଖରେ କମ୍ଫିଟେବଲ । ମୋ କାର୍ଯ୍ୟର ସଫଳତାରେ ମୁଁ ଆତ୍ମାହରା ହୁଏନା କି ବିଫଳତାରେ ଭାଙ୍ଗିପଡ଼େନି।’’

–ବନବିହାରୀ ବେହେରା











## ବାପା

**-ଶୁଭେନ୍ଦୁ ମହାନ୍ତି**

କୋହ ସବୁ
ଛାତି ତଳେ ଚାପି
ପଥର ପାଲଟୁଥିବା
ଅଜବ ଖିଆଲି ମଣିଷକୁ
ଜଟିଳ ଗଣିତର
ଅଛିଣ୍ଡା ଅଙ୍କଟିଏ ପରି
ବୁଝି ତ ହୁଏନା ।

ବରଗଛ ଓହଳରେ
ଝୁଲୁଥିବା ଆମେ ସବୁ
ତୁମ ପୁରୁଣା ଛିଣ୍ଡା ଚପଲକୁ
ଛୁଇଁ ବି ପାରୁନା ॥

*-ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ*
*ପି.ଏନ୍. କଲେଜ, ଖୋର୍ଦ୍ଧା*
*ମୋ: ୯୪୩୭୭୭୫୭୫୭*

## ପ୍ରତୀକ୍ଷା

**-ଦୀପକ ମହାନ୍ତି**

ଫୁଲର ସହରେ ଘରଟେ କରିଛି
ତୁମେ ଆସିବାଟା ନିଶ୍ଚିତ ଜାଣି,
ପ୍ରୀତି ପ୍ରଜାପତି ଅଝଟ ହେଉଛି
ସେ ଫୁଲରେ ଟିକେ ଖେଳିବା ପାଇଁ ।
ସ୍ୱପ୍ନ ସାଗରରେ ଢେଉ ସାଥେ ଖେଳେ
କୂଳକୁ ଲଙ୍ଘିବା ମୋ ଲାଗି ମନା,
ତୁମେ ପ୍ରୀତିଲଗ୍ନା ହେଲେ ବି ପ୍ରୀତିର
କଳାରେ ସମ୍ପୂର୍ଣ୍ଣ ନୁହେଁ ନିପୁଣା ।
ତମରି ଓଠର ଶବ୍ଦ ମାଧୁର୍ଯ୍ୟରେ
ବସନ୍ତର ବାର୍ତ୍ତା ବହେ,
କାହିଁ କେତେ ଯୁଗୁ ସେହି ବସନ୍ତକୁ
ଏପାଇଁ ମୁଁ ଭଲପାଏ ।
ଅଲକ୍ଷ୍ୟରେ ମୋର ତୁମେ ହଜିଗଲ
ଖେଳି ଲୁଚକାଳି ଖେଳ,
ଯେତେ ଖୋଜିଲେ ବି ମୁଁ ପାଇପାରୁନି
ତୁମ ଫେରିବାର ବେଳ ।

*- ମୁଣ୍ଡିହୋତା, କାକଟପୁର, ପୁରୀ*
*ମୋ: ୯୪୩୭୦୨୭୮୦*

# ଘର ଜ୍ୱାଇଁ

**-ସୁକାନ୍ତ ସାହୁ**

**ମା'** ମୋତେ ଓ ଗୁଡ୍‌ଲିକୁ ବହୁତ ଭଲ ପାଆନ୍ତି । ଆମେ ଦିହେଁ ତା' ଜୀବନ ଧନ । ବାପା କହନ୍ତି, ଏ ଦୁନିଆରେ କେହି ଦେବା ଓ ମରିବାକୁ ସୁଖ ପାଆନ୍ତି ନାହିଁ । ମା' ବି କେବେ ତା' ଜୀବନକୁ ପର କରେନା । ସବୁବେଳେ ଆମ ଦୁଃଖ ସୁଖରେ ସେ ଥାଏ । ଏଲ୍.କେ.ଜି. ମାର୍କ ଠାରୁ ପି.ଏଚ୍.ଡ଼ି. ଥେସିସ୍ ପେପରର କ୍ରେଡ଼ିଟ୍ ଯାଏ ସବୁ ସେ ନିଘା ରଖିଥିଲା ।

ଦିନେ ମୁଁ ଓ ଗୁଡ଼ଲି ବଡ଼ ହୋଇଗଲୁ ।

ବଡ଼ହେଲା ପରେ ସବୁପୁଅଙ୍କ ଜୀବନକୁ ପୂରା କରିବା ପାଇଁ ଗୋଟେ ଝିଅ ଦରକାର । ସେମିତି ଗୁଡ୍‌ଲି ପାଇଁ ବି ଗୋଟେ ପୁଅ ଦରକାର ।

ବାପା ମହରଗ ବଜାରରୁ କୋଟିଏ ଟଙ୍କା ଏପଟସେପଟ କରି ଗୁଡ଼୍‌ଲି ପାଇଁ ରଜତକୁ ବାଛି ଆଣିଲେ । ଦିନେ ଗୁଡ଼୍‌ଲି ବେଦୀରେ ବସିଲା ଆଉ ରଜତର ହାତରେ ହାତ ରଖି ହାତଗଣ୍ଠିର ଗୋଟେ ସ୍ନାପ୍ ଟାଣିଲା । ଖୁବ୍ ମଜାଦାର ଥଲା ସେ ଦୃଶ୍ୟ । ଗୁଡ଼୍‌ଲି ଆଉ ରଜତ ପୂରା କ୍ୟୁଟ୍ ଦିଶୁଥିଲେ । ଗୁଡ଼୍‌ଲି ରଜତ ଘରକୁ ଚାଲିଗଲା ।

ସେଦିନ ରାତିରେ ମା' କିଛି ଖାଇଲାନି । ବାପା ଖୁବ୍ ବୁଝେଇଲେ ମା'ଙ୍କୁ ; ହେଲେ ମା' କି ବୁଝିବା ମଣିଷ । ସେ ସିଧାସିଧା କହିଲେ– ଗୁଡ଼୍‌ଲି ଘରକୁ ନ ଫେରିବା ଯାଏ ସେ ଦାନା ଛୁଇଁବେ ନି । ବାପା କହିଲେ – ଝିଅ ଜନମ ପରଘରକୁ । ଏଇଟା କ'ଣ ତମେ ଜାଣନି ? ମା' ଘାଇଲା ବାଘୁଣୀ ପରି ବାପାଙ୍କୁ ଆକ୍ରମଣ କଲା । କହିଲା– ତମେ ବେଶ୍ କଥା ଶିଖିଛ । ସେ ମୋ ଝିଅ । ମୋ' ଝିଅକୁ ଯିଏ ସ୍ତ୍ରୀ ପରି ରଖିବ, ସେ ମୋ' ଘରେ ରହିବାକୁ ବାଧ୍ୟ ।

ଅବଶ୍ୟ ମାସେ ଦି' ମାସ ପରେ ରଜତ ଓ ଗୁଡ଼୍‌ଲିଙ୍କ ପାଇଁ ଆମ ଘରେ ସ୍ଥାୟୀ ଭାବେ ଗୋଟେ ବେଡ଼୍‌ରୁମ୍ ବ୍ୟବସ୍ଥା କରାଗଲା ।

ଗୁଡ଼୍‌ଲି ବାହାଘରର ଦି' ବର୍ଷ ପରେ ମୋ' ପାଳି ପଡ଼ିଲା । ଅବଶ୍ୟ ସେତେବେଳେ ମୁଁ ବିଶାଖାପାଟଣାରେ ଜବ୍ କରୁଥିଲି । ସାଂଘଭିଙ୍କ ସହ ମୋ' ଆଫେୟାର ଚାଲିଥିଲା । ସାଂଘଭି ମୋ' ଅଫିସ୍‌ରେ ଜବ୍ କରୁଥିଲେ । ତାଙ୍କ ଓ ମୋ' ଆଫେୟାରକୁ ଉଭୟ ପରିବାରର ସ୍ୱୀକୃତି ମିଳିଥିଲା । ଆମେ ସେଟେଲ୍ ହେଲା ବେଳକୁ ତାଙ୍କ ବାପା ଆମ ଦୁହିଁଙ୍କ ପାଇଁ ଗୋଟେ ଟୁ ବି ଏଚ୍ କେ ଫ୍ଲାଟ୍ ବୁକ୍ କରି ସାରିଥିଲେ । ସେଟେଲମେଣ୍ଟ ପରେ ପରେ ଆମେ ଦିହେଁ ସେଇଠି ରହିଲୁ । ଦିନେ ରାତିରେ ମା' ମୋତେ ଫୋନରେ କହିଲେ– ତୁ କ'ଣ ସାଂଘଭି ଘରେ ଘରଜ୍ୱାଇଁ ହୋଇ ରହିଯିବୁ ? ମୁଁ ଉତ୍ତର ଦେଲି – ମା' ମୋର କାମ ସବୁ କରିବାକୁ ରଜତ ଅଛି ଯେ !

*-ଶ୍ରୀରୂପା, ରାମନଗରପଡ଼ା, ଭବାନୀପାଟଣା,*
*କଳାହାଣ୍ଡି,*
*ମୋ:୯୪୩୭୭ ୦୦୦୩୭*

# ପାଞ୍ଚୋଟି ଏକପଦୀ

**-ଭରତ ଚନ୍ଦ୍ର ଦାଶ**

ତୁମେ ତ ଜାଣିଛ ମୋର ଏ ହୃଦୟ
ସାଇତା ପ୍ରୀତିର ଗାଥା
ଅନୁଭବେ ପ୍ରୀତି ସ୍ନେହ ପ୍ରେମ ସ୍ମୃତି
ପ୍ରଣୟୀ ପ୍ରଣୟ କଥା ।

**ଦୁଇ**

ଜୀବନ ସଂଗୀତ ପ୍ରାଣେ ଅନୁଭୂତ
ଯାହା କହିଥିଲ ମୋତେ
ଆଶ୍ଳେଷରେ ମୋତେ ଭିଡି ଧରିଥିଲ
ଏବେବି ଅଭୁଲା ଚିତ୍ତେ ।

**ତିନି**

ମୁଗ୍‌ଧ କରିଛି ନୟନର ଠାଣି
ଅଧର ପୀୟୂଷେ ତୃପ୍ତ
ପ୍ରୀତିର ପରଶ ତନୁ ମନେ ଆଶ
ବନ୍ଧନେ ନୁହଁଇ ମୁକ୍ତ ।


**ଚାରି**

ରୂପର ବିନ୍ୟାସ ଲୋଡାନାହିଁ ତବ
ତନୁରେ ଅତନୁ ଶୋଭା
ଲିଭାଅ ଆଲୋକ ଘନ ଅନ୍ଧକାରେ
ଜଳୁ ଗୋ ଦେହର ଆଭା ।

**ପାଞ୍ଚ**

ତୁମେ ମୋ ଅତୀତ ତୁମେ ବର୍ତ୍ତମାନ
ତୁମେ ଭବିଷ୍ୟତ ଚିର
ତୁମ ବିନା ପ୍ରୀତି ପ୍ରାଣ ପ୍ରଦୀପରେ
ନିଷ୍ପ୍ରଭ ଜ୍ୟୋତିର ଧାର ।

*-ମାର୍କୋଣା, ବାଲେଶ୍ୱର*
*ମୋ: ୯୪୩୭୨୭୨୧୬୬*



# ଚିନ୍ତା କରୁଛନ୍ତି ଅଦିତି



ଅଦିତି

ଅଦିତି ରାଓ ହାଇଦରି ଏବେ ଟିକେ ଚିନ୍ତାରେ ପଡିଛନ୍ତି। ନିକଟରେ ସେ ତ ଘର ସଂସାର କରିସାରିଛନ୍ତି, ପୁଣି ଚିନ୍ତା କ'ଣ ? ହଁ, ହାତକୁ ଦି' ହାତ ହେବା ପରେ ଏବେ ତାଙ୍କ କ୍ୟାରିୟରକୁ କିପରି ଆଗେଇବେ ସେ ନେଇ ଦ୍ୱନ୍ଦ୍ୱରେ ପଡିଛନ୍ତି। କିଛି ମାସ ପରେ ପୁଣି ଥରେ ଆକ୍ଟିଂ ମଇଦାନକୁ ଓହ୍ଲାଇବାକୁ ମନ ହେଉଛି, ହେଲେ ପୁଣି ପାଦ ପଛକୁ ପଡୁଛି। ତେଣୁ ଏଭଳି ସମୟରେ ସେ କି ନିଷ୍ପତ୍ତି ନେବେ ତାହା ସ୍ଥିର କରି ପାରୁନାହାନ୍ତି। ଏ ନେଇ ଅଦିତି କହନ୍ତି, 'ମାସ କେଇଟା ହେଲା ମୋର ମ୍ୟାରେଜ ହୋଇଛି। ଏକଥା ସତ ଯେ ପ୍ରାୟ ଦେଢ଼ ବର୍ଷ ହେବ ମୋର କେତୋଟି ଫିଲ୍ମ ଅଧା ପନ୍ତରିଆ ହୋଇ ପଡି ରହିଛି। ସେଗୁଡିକୁ ଶେଷ କରିବାକୁ ପଡିବ। ତେଣୁ ଏଥିପାଇଁ ଯେମିତି ହେଲେ ସମୟ ବାହାର କରିବି। ତା'ସହ ୨-୩ଟି ନୂଆ ତାମିଲ ଫିଲ୍ମ ପାଇଁ କଥାବାର୍ତ୍ତା ଚାଲିଛି। ଯଦି ସେଗୁଡିକ ଫାଇନାଲ ହୋଇଯାଏ, ଏହି ଫିଲ୍ମଗୁଡିକର ଶୁଟିଂ ପାଇଁ ମଧ୍ୟ ସମୟ ଦେବାକୁ ପଡିବ। ଯାହାହେଲେବି ଏଇ ମାସ କେଇଟା ଭିତରେ ମୋତେ ଏ ନେଇ କିଛି ନିଷ୍ପତ୍ତି ନେବାକୁ ପଡିବ।' ଅଦିତିଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ମାଲାୟାଲମ ଫିଲ୍ମ 'ପ୍ରଜାପତି' (୨୦୦୮)ରୁ। ତା'ପରେ ସେ ତେଲୁଗୁ, ତାମିଲ, ହିନ୍ଦୀ ଏବଂ ମରାଠୀ ସିନେମାରେ ଅଭିନୟ କରିସାରିଛନ୍ତି। ତା'ସହ ତାଙ୍କ ଅଭିନୀତ ଏକ ହଲିଉଡ୍ ଫିଲ୍ମ 'ଲାୟନେସ୍' ନିର୍ମାଣାଧୀନ ଅବସ୍ଥାରେ ରହିଛି। ଅଦିତି ଚଳିତ ବର୍ଷ ସେପ୍ଟେମ୍ବରରେ ସିଦ୍ଧାର୍ଥଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

# ଅନନ୍ୟା ନ ଥିଲେ ଫାଷ୍ଟ ଚଏସ୍

ଚଙ୍କି ତନୟା ଅନନ୍ୟା ପାଣ୍ଡେଙ୍କ ବଲିଉଡ୍ କ୍ୟାରିୟର ବିଷୟରେ ଅଧିକ ଆଲୋଚନା କରିବା ଅନାବଶ୍ୟକ, କାରଣ ଏପର୍ଯ୍ୟନ୍ତ ସେ ହାତଗଣତି ସିନେମାରେ ହିଁ ଅଭିନୟ କରିଛନ୍ତି। ନିଜର ଅଭିନୟ ଦକ୍ଷତା ଦେଖାଇବାକୁ ତାଙ୍କୁ କୁଆଡେ ଏପର୍ଯ୍ୟନ୍ତ ସେଭଳି ସୁଯୋଗଟିଏ ମିଳିନାହିଁ। ଅନନ୍ୟାଙ୍କ ପ୍ରଥମ ସିନେମା ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'। କରନ୍ ଜୋହର ତାଙ୍କୁ ପ୍ରଥମେ ବଡ ପରଦାରେ ବ୍ରେକ୍ ଦେଇଥିଲେ। ହେଲେ ଏହି ଭୂମିକା ପାଇଁ ସେ ଫାଷ୍ଟ ଚଏସ୍ ନ ଥିଲେ। ଯେତେବେଳେ ଏହାର କାହାଣୀର ଚୁଡାନ୍ତ ରୂପାୟନ କରାଗଲା, ସେତେବେଳେ କରନ୍ ଏହି ରୋଲ୍ ପାଇଁ ସାରା ଅଲ୍ଲୀ ଖାଁଙ୍କୁ ସାଇନ୍ କରିବାକୁ ଯୋଜନା ରଖିଥିଲେ। ହେଲେ କେତେକ କାରଣ ବଶତଃ ସେ ଏହି ଅଫରଟିକୁ ହାତଛଡା କରିଥିଲେ। ତା'ପରେ କରନ୍ ଜଣେ ନବାଗତାଙ୍କୁ ବ୍ରେକ୍ ଦେବାକୁ ସ୍ଥିର କଲେ। ସେତେବେଳ ଅନନ୍ୟାଙ୍କ କଥା ତାଙ୍କ ମନକୁ ଆସିଲା। ବାସ୍, ତା'ପରେ ତାଙ୍କୁ ଏହି ଫିଲ୍ମ ପାଇଁ ସାଇନ୍ କରାଯାଇଥିଲା। କିନ୍ତୁ ଯଦି ସାରା ରାଜି ହୋଇଥାଆନ୍ତେ, ତେବେ ହୁଏତ ଅନନ୍ୟା କରନ୍ଙ୍କ ଫିଲ୍ମରେ ପ୍ରଥମ ସୁଯୋଗ ପାଇବାରୁ ବଞ୍ଚିତ ହୋଇଥାଆନ୍ତେ।



ଅନନ୍ୟା

# ଆର୍ଯ୍ୟନଙ୍କ 'ଷ୍ଟାରଡମ୍'



ଆର୍ଯ୍ୟନ

ଶାହରୁଖଙ୍କ ପୁଅ ଆର୍ଯ୍ୟନ ନିର୍ଦ୍ଦେଶକ ଭାବରେ ନିଜର କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ତାଙ୍କର ପ୍ରଥମ ନିର୍ଦ୍ଦେଶନାରେ ଏକ ୱେବ୍ ସିରିଜ୍ର ଶୁଟିଂ ଶେଷ ହୋଇଛି। ଏହାର ଟାଇଟଲ ରହିଛି 'ଷ୍ଟାରଡମ୍'। କିନ୍ତୁ ଏଥିରେ କେତୋଟି ଦୃଶ୍ୟର ପିକ୍ଚରାଇଜେଶନକୁ ନେଇ ସେ ଖୁସି ନାହାନ୍ତି। ତେଣୁ ଏହାର ପ୍ୟାଚ୍ ଅପ୍ ଶୁଟିଂ କରିବାରେ ଏବେ ସେ ବ୍ୟସ୍ତ ଅଛନ୍ତି। ମୁମ୍ବାଇର ୱାରେଲିରେ ଏହି ଦୁଇ ସପ୍ତାହବ୍ୟାପୀ ପ୍ୟାଚ୍-ଅପ୍ ଶୁଟିଂ ଚାଲୁ ରହିଛି। ଏ ନେଇ ଆର୍ଯ୍ୟନ କହନ୍ତି, 'ଏହି ସିରିଜ୍ର କାହାଣୀ ଯେପରି ଠିକ୍ ଭାବରେ ପ୍ରେଜେଣ୍ଟ କରାଯିବ ସେ ନେଇ ମୁଁ ପ୍ରଥମରୁ ଧ୍ୟାନ ଦେଇଆସିଛି। ହେଲେ ଶୁଟିଂ ଶେଷ ହେବା ପରେ ମୋତେ କେତୋଟି ସିନ୍ର ପ୍ୟାଚ୍-ଅପ୍ ଶୁଟିଂ କରିବାକୁ ସ୍ଥିର କରିଥିଲି। ମୋନା ସିଂ ଏବଂ ଲକ୍ଷ୍ୟଙ୍କୁ ନେଇ ଏହି ଶୁଟିଂ ଚାଲିଛି। ଏହା ଖୁବ୍ ଶୀଘ୍ର ଶେଷ ହେବ। ତା'ସହ ଏହି ସିରିଜ୍ କେବେ ଷ୍ଟ୍ରିମିଙ୍ଗ ହେବ ତାହା ମଧ୍ୟ ଫାଇନାଲ ହେବ। ବର୍ତ୍ତମାନ ୱେବ୍ ସିରିଜ୍ର ଚାହିଦା କାହିଁରେ କେତେ। ମୋର ୱେବ୍ ସିରିଜ୍ ଆସନ୍ତା ବର୍ଷ ରିଲିଜ୍ ହେବ।' ରେଡ୍ ଚିଲିଜ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ଏହି ସରିଜ୍ରେ ରଣବୀର ସିଂ, ରଣବୀର କପୁର, କରନ୍ ଜୋହର, ସଲମାନ ଖାଁ ଏବଂ ଶାହରୁଖ ଖାଁଙ୍କୁ କେମିଓ ଭୂମିକାରେ ଦେଖିବାକୁ ମିଳିବ।

# ବାର ବର୍ଷ ପରେ...

ଥରେ ମନେ ପକାନ୍ତୁ ନା ମଧୁର ଭଣ୍ଡାରକରଙ୍କ ସେହି ଚର୍ଚ୍ଚିତ ଫିଲ୍ମ 'ହିରୋଇନ୍'କୁ। ୨୦୧୨ରେ ଚିତ୍ରଟି ରିଲିଜ ହୋଇ ବକ୍ସ ଅଫିସରେ ଭଲ ବିଜନେସ୍ କରିଥିଲା। ତେଣୁ ନିର୍ଦ୍ଦେଶକ ମଧୁର ଏବେ ତାକୁ ପୁଣି ଥରେ ରିଲିଜ କରିବାକୁ ଯୋଜନା କରୁଛନ୍ତି। ଆଉ ଏକଥା ଜାଣିବା ପରେ ଏହାର ଟାଇଟଲ ଭୂମିକାରେ ଅଭିନୟ କରିଥିବା କରୀନା କପୁର ଖାଁଙ୍କ ଖୁସି କହିଲେ ନ ସରେ। କାରଣ ଏଭଳି ଭୂମିକାକୁ ସେ ଖୁବ୍ ଭଲଭାବେ ତୁଲାଇ ବହୁ ପ୍ରଶଂସା ସାଉଁଟିଥିଲେ। ଏହାବାଦ୍ ଏହି ଫିଲ୍ମ ପାଇଁ ମଧୁରଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ଏ ସମ୍ପର୍କରେ କରୀନା କହନ୍ତି, 'ଫିଲ୍ମଟି ପୁଣି ଥରେ ରିଲିଜ ହେବା ନିଶ୍ଚୟଭାବେ ଏକ ସ୍ୱାଗତଯୋଗ୍ୟ କଥା। ଏ ନେଇ ମୁଁ କେତେ ଖୁସି ତାହା ବର୍ଣ୍ଣନା କରିପାରିବି ନାହିଁ। ଏଥିରେ ମୁଁ ମୋ ଭୂମିକାଟିକୁ ସଫଳ କରିବା ପାଇଁ ବହୁତ ପରିଶ୍ରମ କରିଥିଲି। ତା'ସହ ନିର୍ଦ୍ଦେଶକଙ୍କ ସହଯୋଗ ବି ମୋତେ ଆହୁରି ଭଲ ପ୍ରଦର୍ଶନ ପାଇଁ ଖୋରାକ ଯୋଗାଇଥିଲା।' ବର୍ତ୍ତମାନ ମଧୁର ବିଭିନ୍ନ ପ୍ରେକ୍ଷାଳୟ ସହ ଏ ନେଇ କଥାବାର୍ତ୍ତା କରୁଛନ୍ତି। 'ହିରୋଇନ୍'ରେ କରୀନାଙ୍କ ବ୍ୟତୀତ ଅର୍ଜୁନ ରାମପାଲ୍ ଏବଂ ରଣଦୀପ ହୁଡ୍ଡା ମଧ୍ୟ ଅଭିନୟ କରିଥିଲେ। କେବଳ ହିନ୍ଦୀ ଭାଷାରେ ନିର୍ମିତ ଏହି ଫିଲ୍ମଟିର ଅବଧି ହେଉଛି ୧୪୬ ମିନିଟ୍।



କରୀନା।



ମାଧୁରୀ

# ମନ କଥା କହିଲେ ମାଧୁରୀ

ଦିନ ଥିଲା ବଲିଉଡ୍ରେ ମାଧୁରୀ ଦିକ୍ଷୀତ ରାଜ୍ କରୁଥିଲେ। ଗୋଟିଏ ପରେ ଗୋଟିଏ ଫିଲ୍ମ ହିଟ୍ ହେଉଥିଲା। ନାୟିକା ଦୌଡରେ ସେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ତେବେ ଜାଣନ୍ତି କି ସେ ଅଭିନୟ କରିଥିବା ସିନେମାରେ ଯେଉଁ ଭୂମିକାଗୁଡିକ ମିଳିଛି ସେଥିମଧ୍ୟରୁ କେଉଁ ରୋଲ୍ଟି ତାଙ୍କୁ ଅଧିକ ପ୍ରଭାବିତ କରିଛି ? ତାହା ହେଉଛି ଯଶ ଚୋପ୍ରାଙ୍କ 'ଦିଲ୍ ତୋ ପାଗଲ ହେ'ରେ ତାଙ୍କର ଭୂମିକା। ଏ ସମ୍ପର୍କରେ ମାଧୁରୀ କହନ୍ତି, 'ଯେତେବେଳେ ଯଶ ସାର୍ ମୋତେ ଏହି ରୋଲ୍ ପାଇଁ ଅଫର୍ ଦେଲେ ସେତେବେଳେ ମୁଁ କେତେ ଖୁସି ହୋଇଥିଲି ତାହା ବର୍ଣ୍ଣନା କରିପାରିବି ନାହିଁ। ତାଙ୍କ ନିର୍ଦ୍ଦେଶନାରେ କାମ କରିବାର ମଜା ନିଆରା ଥିଲା। ହେଲେ ମୋ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଥିଲା କରିସ୍ମାଙ୍କ ସହ ଏକ ଟ୍ୟୁନ୍ରେ ନାଚିବା। ହେଲେ ତାହା ଖୁବ୍ ଭଲଭାବେ ହୋଇଥିଲା। ଆଉ ସେହି ସିନ୍କୁ ଦର୍ଶକ ବହୁତ ପ୍ରଶଂସା ମଧ୍ୟ କରିଥିଲେ।'

# ଯାହା ଖୋଜୁଥିଲେ ଦୀପକ

ଓଲିଉଡ୍ର ଅନ୍ୟତମ ରୋମାଣ୍ଟିକ ଅଭିନେତା ଦୀପକ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଅର୍ଥାତ୍, ଏକ ମନଲାଖି ଭୂମିକାରେ ସେ ବଡ ପରଦାରେ ଉଭା ହେବେ। ଏହି ନୂଆ ସିନେମାଟିର ଟାଇଟଲ ରହିଛି 'ଆସୀକ ଦିୱାନା'। ଏଥିରେ ତାଙ୍କର ନାୟିକା ସାଜିଛନ୍ତି ରିୟା। ଏଭଳି ଏକ ଭୂମିକା ବିଷୟରେ ଦୀପକ କହନ୍ତି, 'ଏହି ରୋଲରେ କ'ଣ ରହିଛି ତାହା ଦର୍ଶକ ପ୍ରେକ୍ଷାଳୟରେ ହିଁ ଜାଣିପାରିବେ। ଆଶା ରଖିଛି ଏହି ଭୂମିକା ମୋ କ୍ୟାରିୟର ପାଇଁ ନିଶ୍ଚୟ ମାଇଲେଜ ସାବ୍ୟସ୍ତ ହେବ।' ଏହାର କାହାଣୀ ପ୍ରେମ ଉପରେ ପର୍ଯ୍ୟବସିତ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ପୁରୁଣା ପ୍ରଯୋଜକ ପ୍ରମୋଦ ସ୍ୱାଇଁ। ଚିତ୍ରଟିର ସଂଳାପ ରଚନା କରିଛନ୍ତି ଓଲିଉଡ୍ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଗୀତଗୁଡିକୁ ସ୍ୱର ଦେଉଛନ୍ତି ସ୍ୱରକାର ଅଭିଜିତ ମଜୁମଦାର। ଏହାର ନିର୍ଦ୍ଦେଶନା ଦେବେ ଏସ. ଦିଲୀପ ପଣ୍ଡା। ପ୍ରଯୋଜକ ପ୍ରମୋଦ କୁହନ୍ତି, ''ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ଏହି ଫିଲ୍ମକୁ ନିର୍ମାଣ କରାଯିବ। ଯେକୌଣସି ସିନେମା ତିଆରି କରିବା ପୂର୍ବରୁ ମୁଁ ସବୁ ଦିଗକୁ ଦୃଷ୍ଟି ଦିଏ। ମୋର ଏହି ନୂଆ ଫିଲ୍ମରେ କି ମସଲା ରହିଛି ତାହା ଦର୍ଶକ ଦେଖିଲେ ହିଁ ଜାଣିପାରିବେ।''



ଦୀପକ

# ବୋଉକୁ ଛେନାପୋଡ଼ ଖୁଆଇଥିଲି

ପ୍ରଥମ ରୋଜଗାର



କବି, ଗୀତିକାର ଧରଣୀଧର ତ୍ରିପାଠୀ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଜଗତ୍‌ସିଂହପୁର ଜିଲା ବିଓଁଳ ଗାଁର ଏକ ନିମ୍ନମଧ୍ୟବିତ୍ତ ପରିବାରରେ ମୋ ଜନ୍ମ। ଆମର ଥାଏ ଅଳ୍ପ କିଛି ଚାଷଜମି। ଚାଷ ଓ ଛୋଟମୋଟ ବ୍ୟବସାୟରୁ ବାପା ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ଚଳୁଥିଲା। ଆଉ ତାରି ଭିତରୁ କିଛି ସଞ୍ଚୟ କରି ବାପା ମୋ ଦୁଇ ଭଉଣୀଙ୍କର ବାହାଘର ମଧ୍ୟ କରିଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟ ମୋର ସପ୍ତମ ପଢ଼ା ସରିଲାବେଳକୁ ବାପାଙ୍କର ଦେହ ଖରାପ ହେଲା ଆଉ ସିଏ ଆରପାରିକୁ ଚାଲିଗଲେ। ଘରର ସବୁ ଦାୟିତ୍ୱ ବୋଉକୁ ବୁଝିବାକୁ ପଡ଼ିଲା। ଭଲ ପଢୁଥିବାରୁ ମୋତେ ବ୍ଲକସ୍ତରୀୟ ଗ୍ରାମାଞ୍ଚଳ ଜାତୀୟ ମେଧାବୃତ୍ତି ମିଳିଲା ଆଉ ମୁଁ ଶ୍ରୀଗୋପାଳଜୀଉ ହାଇସ୍କୁଲ୍‌ରେ ପଢ଼ିବାକୁ ଗଲି। ସେଠାରେ ରହିବା, ଖାଇବା ଏବଂ ବହିପତ୍ର ଖର୍ଚ୍ଚ ସବୁ ପ୍ରାୟ ବୃତ୍ତି ଟଙ୍କାରେ ଚଳିଯାଉଥିଲା। କେବେକେବେ ଯଦି ୫ କି ୧୦ ଟଙ୍କା ବଳି ପଡୁଥିଲା, ତାକୁ ନେଇ ବୋଉ ହାତରେ ଦେବା ମୋର କର୍ତ୍ତବ୍ୟ ବୋଲି ମୁଁ ସେବେଠାରୁ ଭାବି ନେଇଥିଲି। ତା'ସହିତ କେମିତି ଭଲ ପାଠ ପଢ଼ି ନିଜ ଗୋଡ଼ରେ ନିଜେ ଠିଆହେବି ସେଥିପାଇଁ ଆପ୍ରାଣ ଚେଷ୍ଟା ବି କରୁଥିଲି। ବୋଉ ମଧ୍ୟ ସବୁବେଳେ ଆଶା ଓ ବିଶ୍ୱାସର ରାହାରେ ଚାଲିବାକୁ ପ୍ରେରଣା ଦେଉଥିଲା। ଏମିତି ଏମିତିରେ ସ୍କୁଲ୍ ପଢ଼ା ସାରି ରେଭେନ୍‌ଶା କଲେଜରେ ବିଜ୍ଞାନରେ ଇଣ୍ଟରମେଡିଏଟ୍ ପାସ୍ କଲି। ରାଜ୍ୟ ବାହାରେ ବିଭିନ୍ନ ଉଚ୍ଚ ଶ୍ରେଣୀୟ ସଂସ୍ଥାନରେ ଗ୍ରାଜୁଏଶନ୍ କରିବା ପାଇଁ ବିବେଚିତ ହୋଇଥିଲେ ବି ବୋଉକୁ ଛାଡ଼ି ଅନ୍ୟ ରାଜ୍ୟରେ ଯାଇ ପଢ଼ିବାକୁ ଇଚ୍ଛା କରି ନଥିଲି। ଦୁର୍ବଳ ଆର୍ଥିକ ଅବସ୍ଥା ବି ଏହାର ଅନ୍ୟତମ କାରଣ ଥିଲା। ଯାହାବି ହେଉ ଭୁବନେଶ୍ୱରରେ ରହି ସ୍ନାତକ ପଢ଼ା ସାରିଲି। ତା'ପରେ ସ୍ନାତକୋତ୍ତର ପାଇଁ ଆଡ୍‌ମିଶନ ନେଲି। କିନ୍ତୁ ଆର୍ଥିକ ସମସ୍ୟା ଯୋଗୁ ଅଧାରୁ ପାଠପଢ଼ା ଛାଡି ଚାକିରି ପାଇଁ ବିଭିନ୍ନ ଇଣ୍ଟରଭ୍ୟୁ ଦେବାକୁ ଲାଗିଲି। ଭାଗ୍ୟକୁ ଓଡ଼ିଶା ସରକାରଙ୍କ ଅଧୀନରେ ସମ୍ପ୍ରସାରଣ ଅଧିକାରୀ ଭାବେ ମୋତେ ଫୁଲବାଣୀର ଚାରିଛକ ବ୍ଲକରେ ନିଯୁକ୍ତି ମିଳିଗଲା। ହେଲେ ଉଚ୍ଚପଦସ୍ଥ ଅଫିସରଙ୍କ ଅବିଚାରରେ ବା ଭୁଲ୍ ନିର୍ଦ୍ଦେଶର ପ୍ରତିବାଦରେ ମାତ୍ର ୩ ମାସ ଭିତରେ ମୋତେ ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ବେଲଘରକୁ ବଦଳି କରିଦିଆଗଲା। ବେଲଘରକୁ ଅଫିସର୍‌ମାନଙ୍କୁ ଦଣ୍ଡଦେବା ପାଇଁ ବଦଳି କରାଯାଏ ବୋଲି ସେତେବେଳେ ଅନେକଙ୍କଠାରୁ ଶୁଣିବାକୁ ପାଇଥିଲି। କାରଣ ସେଠାକାର ରାସ୍ତାଘାଟ ସେତେ ଉନ୍ନତ ନଥିଲା। ପାଦେ ପାଦେ ବିପଦକୁ ସାମ୍ନା କରିବାକୁ ପଡୁଥିଲା। ତେଣୁ ବାଧ୍ୟ ହୋଇ କିଛିଦିନ ପରେ ସେ ଚାକିରି ଛାଡି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଜଏନ୍ କରିଗଲି। ତେବେ ପ୍ରଥମ ଚାକିରିର ପ୍ରଥମ ମାସର ଦରମା ୫୪୦ଟଙ୍କା ଯେବେ ପାଇଥିଲି, ସଙ୍ଗେ ସଙ୍ଗେ ନୟାଗଡ଼ରୁ ଛେନାପୋଡ଼ କିଣି ଗାଁରେ ବୋଉ ପାଖରେ ଯାଇ ପହଞ୍ଚିଥିଲି। ଛେନାପୋଡ଼ ବୋଉର ଭାରି ପ୍ରିୟ ଥିଲା। ଏତେଦିନ ପରେ ପୁଅକୁ ଦେଖୁଥିବାରୁ ତା' ଆଖିରୁ ଖୁସିରେ ଲୁହ ବୋହି ପଡୁଥିଲା। ଲୁହ ପୋଛି ବୋଉକୁ ଛେନାପୋଡ଼ ଖାଇବାକୁ ଦେଲି ଆଉ ତା' ହାତରେ ୫୦୦ ଟଙ୍କା ଧରେଇ କହିଲି, 'ଏଇଟା ରଖ, ତୋ ପୁଅର ପ୍ରଥମ ଦରମା'। ବୋଉ କିଛି କହୁ ନଥିଲେ ବି ତା' ମୁହଁରୁ ଦୁଃଖ ଆଉ ସୁଖର ମିଶାମିଶି ପ୍ରତିକ୍ରିୟା ସ୍ପଷ୍ଟ ବାରି ହୋଇ ପଡୁଥିଲା। ଆଉ ତା'ରି ଆଶୀର୍ବାଦ ଯୋଗୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ବିଭିନ୍ନ ରାଜ୍ୟରେ ଉଚ୍ଚ ପଦପଦବୀରେ କାମ କରି ଶେଷରେ ଏଇ କିଛି ବର୍ଷ ତଳେ ଚାକିରିରୁ ଅବସର ନେଇଛି। ଆଉ ଏବେ ବିଜ୍‌ନେସ୍ କରେସ୍ପଣ୍ଡେଣ୍ଟ ରିସୋର୍ସ କାଉନ୍‌ସିଲ୍ (ବି.ସି.ଆର୍.ସି)ର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ରୂପେ ନୂଆଦିଲ୍ଲୀରେ ଅବସ୍ଥାପିତ । ତା'ସହିତ କେନ୍ଦ୍ର ସରକାରଙ୍କ ବିତ୍ତ ମନ୍ତ୍ରଣାଳୟର ବିତ୍ତୀୟ ସେବା ବିଭାଗର ଏକ କମିଟିର ସଦସ୍ୟ ମଧ୍ୟ ଅଛି। ଏହାଛଡ଼ା କ୍ଷୁଦ୍ର ଗଳ୍ପ, କବିତା ଲେଖିବାରେ ବି ରୁଚି ରହିଛି। 'କ୍ଳାନ୍ତ ଅପରାହ୍ନର ପ୍ରତିଶ୍ରୁତି' ହେଉଛି ମୋର ପ୍ରଥମ କବିତା ସଂକଳନ। ତା'ସହିତ ବିଶ୍ୱକବି ଶ୍ରୀ ରବୀନ୍ଦ୍ରନାଥ ଟାଗୋରଙ୍କ ବଙ୍ଗଳା କବିତା ସଂକଳନ 'ଗୀତାଞ୍ଜଳି'ରୁ ୧୫୨ଟି କବିତା ଅନୁବାଦ କରି ଏକ ପୁସ୍ତକ ମଧ୍ୟ ପ୍ରକାଶିତ ହୋଇଛି। ଏହାଛଡ଼ା ଜଣେ ଗୀତିକାର ହିସାବରେ ଅନେକ ଭଜନ ଓ ଦେଶାତ୍ମବୋଧକ ଗୀତ ମଧ୍ୟ ମୁଁ ଲେଖିଛି ; ଯାହାକୁ ଓଡ଼ିଶାର ବହୁ ନାମୀଦାମୀ କଣ୍ଠଶିଳ୍ପୀ ଗାଇଛନ୍ତି ଏବଂ ଏହା ଶ୍ରୋତାଙ୍କ ଦ୍ୱାରା ଆଦୃତିଲାଭ କରିପାରିଛି।

ସାଥୀ



# ଚେନାଏ ହସକୁ ଚୋରା ଚାହାଣୀ, ବଡ଼ ଅଜବ ଏ ପ୍ରେମ କାହାଣୀ

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋତେ ଦେଖି କେତେବେଳେ ହସି ଦେଉଛି ତ କେତେବେଳେ ମତୁଆଲା ଚାହାଣୀରେ ପାଗଳ କରିଦେଉଛି। ଇଏ କେଉଁ ପ୍ରକାର ପ୍ରେମ ମୁଁ ବୁଝି ପାରୁନି। ଏବେ କ'ଣ କରିବି ?

*–ଦୀପକ କୁମାର, ରାଉରକେଲା*

**ଉତ୍ତର :** ପ୍ରେମର ପହିଲି ପରଶ ଯେତେବେଳେ ମନକୁ ଛୁଏଁ ସେତେବେଳେ ସବୁକିଛି ଆନମନା ହୋଇଯାଏ। ଦେଖୁନାହାନ୍ତି, ସୁନ୍ଦରୀର ସେହି ହସ ଆଉ ଚାହାଣୀ କେମିତି ଆପଣଙ୍କ ମନକୁ ଘାଇଲା କରିଦେଇଛି। ଆଉ ତା'ପରେ ଆପଣ ସତେ ଯେମିତି ବୁଢ଼ିଆଣୀ ଜାଲରେ ଛନ୍ଦି ହୋଇ ଯାଇଛନ୍ତି। 'ଚେନାଏ ହସକୁ ଚୋରା ଚାହାଣୀ, ବଡ ଅଜବ ଏ ପ୍ରେମ କାହାଣୀ'। ହେଲେ ମନକୁ ପ୍ରଥମେ ସ୍ଥିର କରନ୍ତୁ। ତା'ପରେ ସୁନ୍ଦରୀର ହସ ଆଉ ଚାହାଣୀରେ ଥିବା ପ୍ରେମର ଇସାରାକୁ ଭଲ ଭାବରେ ପଢ଼ନ୍ତୁ। ଯଦି ଠିକ୍ ଲାଗିଲା ବାସ୍, ବିଳମ୍ବ ନ କରି ଏମିତି ବହି ଫିଟ୍ କରିଦିଅନ୍ତୁ ଯେ ସେହି ସୁନ୍ଦରୀ ଆପଣଙ୍କର ପରମାନେଣ୍ଟ ପ୍ରେମିକା ପାଲଟି ଯିବ।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*–ଅନିକେତ ଦାସ, ବ୍ରହ୍ମପୁର*

**ଉତ୍ତର :** ବେଳେବେଳେ ସେହି ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ। ତେଣୁ ନଖରାମିକୁ ନେଇ ନୋ ଟେନସନ, ଓନଲି ମସ୍ତି!

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ତ ବାହା ହୋଇପାରିଲି ନାହିଁ। ତା' ସାଙ୍ଗଙ୍କୁ ବାହା ହୋଇଛି। ହେଲେ ନିକଟରେ ମୋ ପୂର୍ବ ପ୍ରେମକା ସହ ଭେଟ ହେବା ପରେ ମୁଁ ପୁଣି ଥରେ ତା' ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ।

*–ସୁଜିତ, ରାଉରକେଲା*

**ଉତ୍ତର :** କଥାରେ ଅଛି–ଆପଣା ହସ୍ତେ ଜିହ୍ୱା ଛେଦି, କେ' ତା'ର ଅଛି ପ୍ରତିବାଦୀ'। ଆପଣ ବିବାହିତ। ହେଲେ ପୁଣି ଥରେ ନିଜର ପୂର୍ବତନ ପ୍ରେମିକା ପ୍ରେମରେ ପଡିଗଲେଣି। ତେଣୁ ଏହାର ପରିଣାମ କ'ଣ ହେବ ଚିନ୍ତା କରନ୍ତୁ। ଜୋସ୍‌ରେ ସିନା ସେହି ପ୍ରେମିକା ସହ ପୁଣି ଥରେ ପ୍ରେମର ମଜା ନେବେ, ହେଲେ ଏହା ଦିନେ ପରମାଣୁ ବୋମା ପରି ଆପଣଙ୍କ ବୈବାହିକ ଜୀବନକୁ ଧ୍ୱଂସ କରିଦେବ। ତେଣୁ ବେଳ ଥାଉ ଥାଉ ସେହି ରାସ୍ତାରୁ ଓହରି ଆସନ୍ତୁ।

**ପ୍ରଶ୍ନ**–ମୁଁ ଏବେ କଲେଜରେ ପଢୁଛି। ମୋଠାରୁ ବୟସରେ ବଡ ଜଣେ ଝିଅକୁ ଏକତରଫା ପ୍ରେମ କରିବସିଛି। ଆମର ପ୍ରେମ ଗାଡି ଆଗକୁ ଗଡିବ ତ ?

*–ଜିତେଶ କୁମାର, ଭୁବନେଶ୍ୱର*

**ଉତ୍ତର :** ଗୋଟିଏ ପଟେ କହୁଛନ୍ତି ଯେ, ଆପଣଙ୍କ ପ୍ରେମ ଏକତରଫା। ଏପରି ପ୍ରେମରେ କ୍ଷଣିକ ମଜା ଥାଏ। ହେଲେ ସେହି ମଜା ଯେ ସବୁବେଳେ ମିଳିବ ତାହା ଭାବିବା ଭୁଲ। ତେଣୁ ଯାହାଙ୍କୁ ଏକତରଫା ପ୍ରେମ କରୁଛନ୍ତି ତାଙ୍କ ମନ ଭିତରେ ଆପଣଙ୍କ ପାଇଁ ସ୍ଥାନ ଅଛି କି ନାହିଁ ତାହା ଜାଣି ନିଅନ୍ତୁ। ନ ହେଲେ ଏମିତି ଅନ୍ଧାରରେ ବାଡି ବୁଲାଇଲେ କିଛି ଲାଭ ନାହିଁ। ଦୁଇଟି ମନ ଠିକ୍ ଭାବରେ ମିଶିଲେ ସେଥିରୁ ପ୍ରେମର ଅସଲ ମଜା ଅନୁଭୂତ ହୋଇଥାଏ। ତେଣୁ ପ୍ରଥମେ ନିଜ ମନରୁ ଏହି ଏକତରଫା ପ୍ରେମର ଭୂତକୁ ଉତାରି ଦିଅନ୍ତୁ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ତାକୁ ମୁଁ ମୋ ମନର କଥା କହିବାକୁ ଡର ଲାଗୁଛି। ତାକୁ କେମିତି ମନର କଥା କହିବି ଜାଣିପାରୁନାହିଁ।

*–ଜି.ପି. ସାହୁ, କେନ୍ଦ୍ରାପଡା*

**ଉତ୍ତର :** ପ୍ରେମରେ ଯିଏ ଡରିଗଲା ସିଏ ହାରିଗଲା। ମନରେ ସାହସ ଏକଜୁଟ୍ କରନ୍ତୁ। ଏପରି ସୁଯୋଗ ପାଇବା ପରେ ତାକୁ ୟୁଟିଲାଇଜ ନ କରି ଆପଣ ଡରୁଛନ୍ତି ! ଆପଣ ପ୍ରେମ କେମିତି କରିବେ ତାହା ତ ସନ୍ଦେହ ଘେରରେ। ସେପଟୁ ଗ୍ରୀନ୍ ସିଗନାଲ୍ ମିଳୁଛି ମାନେ ଆଉ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ। ଯେତେ ବିଳମ୍ବ କରିବେ ଚାନ୍ସଟି ହାତରୁ ଖସି ଯିବାର ସମ୍ଭାବନା ରହିଛି।



# ଅନେକରେ ଏକ ଆଶିଷ

**ଶି**କ୍ଷାଦାନକୁ ସେ ପେସା କରିଥିବା ବେଳେ ତାଙ୍କ ନିଶା ପାଲଟିଛି ପରିବେଶ ସୁରକ୍ଷା । ତା'ବ୍ୟତିରେକ ସମାଜସେବା, ସାହିତ୍ୟ ଆସର ଓ ସାଂସ୍କୃତିକ ମଞ୍ଚରେ ନାନାପ୍ରସଙ୍ଗକୁ ଉପସ୍ଥାପନା କରିଥାନ୍ତି । ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ବିଭିନ୍ନ ଅନୁଷ୍ଠାନ ତାଙ୍କୁ ଦେଇଛି ଅନେକ ସମ୍ମାନ ଓ ସ୍ୱୀକୃତି । ସେ ହେଲେ **ଆଶିଷ କୁମାର ସ୍ୱାଇଁ** । ଘର ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆରା ଗାଁରେ । ସେ କୁହନ୍ତି, 'ମୋର ଜନ୍ମ ୧୧।୦୨।୧୯୯୭ ମସିହାରେ । ବି.ଏସ୍‌ସି. ଓ ବିଏଡ୍ ସାରିଛି । ଏବେ ଶିକ୍ଷକତା କରୁଛି । ମୋ ବାପା ଜଣେ ଶିକ୍ଷକ, ଯିଏକି ଶିକ୍ଷାଦାନ ବାଦ୍ ବଳକା ସମୟରେ ବାରିରେ ବିଭିନ୍ନ ଗଛଲତା ଲଗାଇଥାନ୍ତି । ତାଙ୍କର ଏହି କାର୍ଯ୍ୟ ମୋତେ ସବୁବେଳେ ପ୍ରଭାବିତ କରିଆସିଛି । ଯେଉଁଥିପାଇଁ ମୁଁ ସାଙ୍ଗମାନଙ୍କୁ ଏକାଠି କରି ସ୍କୁଲ ହତାରେ ବିଭିନ୍ନ ଫୁଲ ଫଳ ଗଛ ଲଗାଇଥିଲୁ । ୨୦୧୧ ମସିହା କଥା । ପଣସପଦା, ହରିହର ବିଦ୍ୟାପୀଠରେ ନବମ ଶ୍ରେଣୀରେ ପଢୁଥିବାବେଳେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କମାଣ୍ଡର ଭାବେ କାର୍ଯ୍ୟକରିଥିଲି । ସେବେଠାରୁ ସାମାଜିକ କାର୍ଯ୍ୟପ୍ରତି ମନରେ ଆଗ୍ରହ ବଢିଲା । ଗାଁର ଯୁବକ, ମହିଳା ଓ ସ୍କୁଲ ପିଲାଙ୍କୁ ନେଇ ସ୍ୱଚ୍ଛଭାରତ ଅଭିଯାନ, ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା, ପରିବେଶ ସୁରକ୍ଷା, ବୃକ୍ଷରୋପଣ, ଚିଲିକାର ପକ୍ଷୀ ଓ ଡଲଫିନ ସୁରକ୍ଷା ଆଦି ସଚେତନତା କାର୍ଯ୍ୟ କରି ଚାଲିଲୁ । ଫନି ବାତ୍ୟା ପରେ ସେତେବେଳେ ଛାତ୍ରୀଛାତ୍ରମାନଙ୍କର ମନୋବଳ ବଢାଇବା ପାଇଁ ୟୁନିସେଫ୍ ଓ ଭାରତ ଜ୍ଞାନ ବିଜ୍ଞାନ ସମିତି ମିଳିତ ଆନୁକୂଲ୍ୟରେ ୪୫ ଦିନିଆ ଖେଳକୁଦ, ନାଚ ଗୀତ ମାଧ୍ୟମରେ ଶିକ୍ଷାଦାନ କରାଯାଇଥିଲା, ଏଥିରେ ସାମିଲ ହୋଇଥିଲି । ବିଦ୍ୟାଳୟ ଓ କଲେଜସ୍ତରରେ ବକ୍ତୃତା, ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧିତ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥାଏ । ଅନ୍ୟପକ୍ଷେ ଗଳ୍ପ ଓ କବିତା ବି ଲେଖିବାକୁ ମୋତେ ଭଲ ଲାଗେ । ଲେଖିଥିବା କେତେକ ଗପ ଓ କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି । ଏକ ଆଧ୍ୟାତ୍ମିକ ପୁସ୍ତକ 'ବାବା ଖଣ୍ଡୁଆଳ' ଲେଖିଛି । ଓସେପା ତରଫରୁ ଦୁଇମାସ





ରିସୋର୍ସ ପର୍ସନ ଭାବେ ବିଦ୍ୟାଳୟରେ କାର୍ଯ୍ୟ କରିଛି । କରୋନା ମହାମାରୀ ସମୟରେ ମାସ୍କ ବଣ୍ଟନ, ଖରାଦିନେ ପାନୀୟ ଜଳ ସେବା ଏବଂ ପ୍ରତିବର୍ଷ ରଥଯାତ୍ରାରେ ପାନୀୟଜଳ ବଣ୍ଟନ କରିଆସୁଛି । ମୋ ସାଧ୍ୟ ମତେ ଅସହାୟ ଲୋକଙ୍କୁ ସାହାଯ୍ୟ କରିଥାଏ । ଥରେ ମଠପାଟଣା ଗ୍ରାମର ମିଳନ ସାହୁ ଯେକି ଜଣେ ବହୁତ ଅଭାବୀ ତଥା ଗରିବ ଲୋକ । ବହୁତ ଦୁଃଖ କଷ୍ଟରେ ସେ ଚଳୁଥିଲେ । ଓଳିଏ ଖାଇଲେ ଓଳିଏ ଉପାସ ରହୁଥିଲେ । ଏକ ରୋଗରେ ପୀଡିତ ଥିଲେ । ତାଙ୍କ ବାପା ମଧ୍ୟ ପାରାଲିସିସ୍ ରୋଗରେ ଆକ୍ରାନ୍ତ ଥିଲେ । କେତେକ ସାମାଜିକ ଅନୁଷ୍ଠାନରୁ ପ୍ରାୟ ଲକ୍ଷାଧିକ ଟଙ୍କା ସଂଗ୍ରହକରି ତାଙ୍କ ଚିକିତ୍ସାରେ ଖର୍ଚ୍ଚ ହୋଇଥିଲା । ପରେ ମିଳନ ସୁସ୍ଥ ହୋଇ ଘରକୁ ଫେରିଥିଲେ । ସମାଜ ସେବା ପାଇଁ ମୋତେ କରୋନା ଯୋଦ୍ଧା ସମ୍ମାନ – ୨୦୨୦ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ସାହିତ୍ୟ ସଂସଦରୁ ପୁରସ୍କୃତ ହୋଇଛି । ଏବେ ମୁଁ ଓଡ଼ିଶା ଇକୋ ଟୁରିଜମ ଫାଉଣ୍ଡେଶନ ପୁରୀ କ୍ଲଷ୍ଟର ସଂଯୋଜକ ଭାବେ କାର୍ଯ୍ୟ କରୁଛି ।



# ଆଉ ବେଶି ଶୁଭୁନି କେନ୍ଦରା ସ୍ୱର

**ଧା**ନ ଅମଳର ସମୟ । ବାରିପଟ ଖଳାକୁ ଆସିସାରିଥିବ କ୍ଷେତରୁ ବରଷକର ଫସଲ । ହାଲୁକା ହାଲୁକା ଶୀତୁଆ ପବନରେ ଦିନର ଖରା ଲାଗୁଥିବ ବେଶ୍ କଅଁଳ, ଆଉ ଏତିକି ବେଳେ ଗାଁଦାଣ୍ଡରେ ଶୁଭେ ଯୋଗୀର କେନ୍ଦରା ସ୍ୱର –ଭଜୁ କି ନା ରାମ ନାମରେ କୁମର...ଭଜୁ କି ନା ରାମ ନାମ । ଭଜି ନ ପାରିଲେ କୁଳ ଚନ୍ଦ୍ରମାରେ ବାନ୍ଧି ନେବ କାଳ ଯମ.. । ଏହା ଗୋଟେ ନିହାତି ସାଧାରଣ ଦୃଶ୍ୟ ଥିଲା । ହେଲେ ଏବେ ଆସ୍ତେ ଆସ୍ତେ ବଦଳି ଯାଇଛି ସମୟ । ଗାଁ ଦାଣ୍ଡରେ ଆଉ ପ୍ରାୟତଃ ଲାଉ ତୁମ୍ବା ଧରି ଯୋଗୀଟିଏକୁ ଛିଡା ହୋଇଥିବା ଦେଖିବାକୁ ମିଳୁନି କି ଶୁଣିବାକୁ ମିଳୁନି ତାଙ୍କ ଗୀତର ସ୍ୱର ।



ଦିନଥିଲା ଯୋଗୀମାନେ ଦୁଆର ଦୁଆର ବୁଲି ଗୀତ ଗାଇ ଧର୍ମଭିକ୍ଷା କରୁଥିଲେ । ଏହାଥିଲା ଏକ ପରମ୍ପରା, ଏକ ଚଳଣି ଯାହା ଆମ ସଂସ୍କୃତି ସହ ବି ଜଡ଼ିତ ହୋଇ ରହିଥିଲା । କେତେକ ନିର୍ଦ୍ଦିଷ୍ଟ ପରିବାର ଏହି କେନ୍ଦରାଗୀତ ଗାଇ ଭିକ୍ଷା କରୁଥିଲେ । ସେପୁଣି କେବଳ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ । ଆଜି ବି ସେହି ହାତଗଣତି କେତେ ପରିବାର ଏହି ପରମ୍ପରାକୁ ବଞ୍ଚାଇ ରଖିଛନ୍ତି । ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକର ନନ୍ଦିସାହିର ବଟକୃଷ୍ଣ ନାଥ କୁହନ୍ତି– ଯୋଗୀ ପରମ୍ପରା ଏକ ମୌଳିକ କାର୍ଯ୍ୟ, ଭିକ୍ଷା ନୁହେଁ । ଏହା ଧର୍ମଭିକ୍ଷା । ଯୋଗୀ ସମ୍ପ୍ରଦାୟଙ୍କର ଆରାଧ୍ୟ ଦେବତା ହେଉଛନ୍ତି ଶିବ । ପ୍ରତ୍ୟେକ ଯୋଗୀ ପରିବାର ଶିବଙ୍କ ଉପାସନା କରିଥାନ୍ତି । ଇଷ୍ଟଦେବୀ ମା' ଦୁର୍ଗା । ଯୋଗୀ ଗାଁ ଦାଣ୍ଡରେ ବଙ୍ଗଳାଶ୍ରୀ ରାଗରେ–ଟୀକାଗୋବିନ୍ଦ ଚନ୍ଦ୍ର ଗୀତ ଗାଇ ଲୋକଙ୍କ ମନରେ ଆଧ୍ୟାତ୍ମିକ ଚେତନା, ଧର୍ମବାଣୀ ଓ ଜ୍ଞାନମାର୍ଗ, ଅନିତ୍ୟ ସଂସାରରେ ଆଧ୍ୟାତ୍ମିକତାର ସାରମର୍ମ ପ୍ରଚାର କରିଥାନ୍ତି । ଏହି ସମୟରେ ଯେଉଁମାନେ ତାଙ୍କୁ ମୁକ୍ତ ହସ୍ତରେ ଦାନ କରନ୍ତି ସେ ତାହାକୁ ଗ୍ରହଣ କରିଥାନ୍ତି । ଏଥିସହ ମାନସିକଧାରୀଙ୍କଠାରୁ ଭିକ୍ଷା ନେବା ସହ ଧ୍ୟାନ, ଯୋଗ, ସତ୍ୟ ଓ ଧର୍ମର ପ୍ରଚାର କରଥାନ୍ତି । ପ୍ରଥମେ ୧୨ଟି ଘରୁ ଭିକ୍ଷା କରିବେ, ଆବଶ୍ୟକ ସ୍ଥଳେ ପରିବାର ପ୍ରତିପୋଷଣ ପାଇଁ ଏକାଧିକ ଗାଁ ବୁଲି ଧର୍ମଭିକ୍ଷା କରିଥାନ୍ତି । ଏଥିରେ ଭାଗବତ ପ୍ରାପ୍ତି ସହିତ ଲୋଭ ପରିହର ଓ ଦାନକରିବା ଭଳି ମହତ ଗୁଣରେ ଅନୁପ୍ରାଣିତ ପାଇଁ ଯୋଗୀ ଗୀତ ମାଧ୍ୟମରେ ସୂଚେଇଥାନ୍ତି । ଯେଉଁଥିରେ ରହିଛି କେମିତି ଗୋବିନ୍ଦଚନ୍ଦ୍ର ରାଜା ହୋଇ ମଧ୍ୟ ନିଜର ରାଣୀ, ରାଜବାଟୀ ଶାସନ ଆଦି ଛାଡ଼ି ଯୋଗୀ ହୋଇଯାଇଥିଲେ । ପରେ ଯୋଗୀମାନେ ବେକରେ ରୁଦ୍ରାକ୍ଷମାଳ, ହାତରେ ଲାଉତୁମ୍ବା ଧରି କେନ୍ଦରାର ସ୍ୱର ସାଙ୍ଗକୁ ଟୀକା ଗୋବିନ୍ଦଚନ୍ଦ୍ର ଗୀତକୁ ମୁଖରେ ଗାନକରି ଗ୍ରାମ ଗ୍ରାମ ବୁଲିଥାନ୍ତି । କେନ୍ଦରାର ସ୍ୱର ଓ ଟୀକାଗୋବିନ୍ଦଚନ୍ଦ୍ର ଗୀତ ଶୁଣିବାମାତ୍ରେ ଲୋକେ ତାଙ୍କୁ ଭିକ୍ଷା ଦାନ କରିଥାନ୍ତି । ଅନ୍ୟପକ୍ଷେ ସନ୍ତାନ ପ୍ରାପ୍ତି ନିମନ୍ତେ ହେଉ ଅବା ପିଲାମାନଙ୍କର ରିଷ୍ଟ ଖଣ୍ଡନ ପାଇଁ ମାତାପିତା ସେମାନଙ୍କ ସନ୍ତାନର ମଙ୍ଗଳ କାମନା ନିମନ୍ତେ ନିଜର ପୁତ୍ରଙ୍କୁ ଯୋଗୀ ଭାବରେ ଦିକ୍ଷିତ କରାନ୍ତି । ପରବର୍ତ୍ତୀ ସମୟରେ ବିଧି ସମାପନ ପରେ ପୁତ୍ରକୁ ଯୋଗୀଙ୍କଠାରୁ ଫେରାଇ ଆଣନ୍ତି ।

ଏହି ଯୋଗୀ ପରମ୍ପରା ଓଡ଼ିଶାର ବିଭିନ୍ନ ଜାଗାରେ ଦେଖିବାକୁ ମିଳେ । ବିଶେଷକରି ନୟାଗଡ଼ ଜିଲାର ଭାପୁର ବ୍ଲକର ଚକ୍ରଧରପ୍ରସାଦ, ବାଙ୍କୀର ରଗଡ଼ି, ଗର୍ଭଣପଡ଼ା, ଖୋର୍ଦ୍ଧାର ରାଜସୁନାଖଳା, ଅସରଳା, ପୁଆଣିଆ, ବାଲିଅନ୍ତା, କାଳୁପଡ଼ା, ପୁରୀର ମଇନ୍ତିପୁର, ଝାମ୍ପୁର, ସେହିପରି ଜଗତସିଂହପୁର ଜିଲାର ବିରିଡ଼ି ବ୍ଲକର ଚାନ୍ଦପୁର, ବାଲିକୁଦା, ତିର୍ତ୍ତୋଲ,ବିରିଡ଼ି, କୁଜଙ୍ଗ, ବଣ୍ଡୁଆସାହି, ଗଡଡୁଣୀପଡ଼ିଆ, ଖରିପଡ଼ିଆ,ମହାକାଳେଶ୍ୱର, ମହିରା,ସିଙ୍ଗିପୁର, କୋଳଥପାଟଣା, ହାବେଳି ଆଦି ଅନେକ ଗାଁରେ ଆଜି ବି ଯୋଗୀଙ୍କ ପରିବାର ରହୁଛନ୍ତି ।

–ବନବିହାରୀ ବେହେରା




## ହାଃ ହାଃ

### ଖୁସି

ରାଜୁ ଅଫିସ୍‌ରେ ପହଞ୍ଚିବାବେଳେ ଭାରି ଖୁସି ଜଣାପଡୁଥାଏ। ଏହା ଦେଖି ରମେଶ: କ'ଣ କିରେ ଆଜି ଭାରି ଖୁସି ଖୁସି ଜଣାପଡୁଛୁ। କ'ଣ ହେଇଛି କି ?

ରାଜୁ: ଜୀବନରେ ପ୍ରଥମ ଥର ପାଇଁ ଗୋଟେ ସୁନ୍ଦର ଝିଅ ମୋ ସହ କଥା ହେଲା।

ରମେଶ: ସତ ! କ'ଣ କହିଲା ?

ରାଜୁ: ମୁଁ ବସିଥିଲି, ସେ ଆସି କହିଲା– ଉଠ, ଏଇଟା ଲେଡିଜ୍ ସିଟ୍।

### ରାଣୀ

ସ୍ତ୍ରୀ ରାଗିକି: ତମେ ମତେ ଧୋକା ଦେଇଛ।

ସ୍ୱାମୀ: ମୁଁ କ'ଣ ଏମିତି କରିଛି କି ?

ସ୍ତ୍ରୀ: କିଛି ଜାଣିନ ନାଇଁ। ତମେ ମତେ କାହିଁକି ଲୁଚେଇ ରଖିଥିଲ ଯେ, ତମର ରାଣୀ ନାଁରେ ଆଗରୁ ଏକ ସ୍ତ୍ରୀ ଅଛି ବୋଲି ?

ସ୍ୱାମୀ: ମୁଁ ତ ଲୁଚେଇନି।

ସ୍ତ୍ରୀ: ଏତେ ମିଛ କୁହନି। କେବେ କହିଥିଲ ?

ସ୍ୱାମୀ: ବାହାଘର ବେଳେ ମୁଁ ତମ ବାପାଙ୍କୁ କହିଥିଲି– ମୁଁ ଆପଣଙ୍କ ଝିଅକୁ ପୁରାପୁରି ରାଣୀ ଭଳି ରଖିବି।

### ସୁନ୍ଦର

ଗୋବିନ୍ଦ ବାବୁ ନିଜ ସ୍ତ୍ରୀର ହାତକୁ ଧରି ପାର୍କରେ ବେଶ୍ ଖୁସିରେ ବୁଲୁଥାନ୍ତି। ଏତିକିବେଳେ ଏକ ଦୁଷ୍ଟ ପିଲା ଆସି: ଅଙ୍କଲ, କାଲି ଯିଏ ଆପଣଙ୍କ ସହ ଥିଲେ ସେ ବେଶି ସୁନ୍ଦର ଥିଲେ।

ଗୋବିନ୍ଦ ବାବୁଙ୍କ ସ୍ତ୍ରୀ ରାଗିକି ଚାଲିଗଲେ। ପରେ ଡିଭୋର୍ସ ବି ଦେଇଦେଲେ। ଗୋବିନ୍ଦ ବାବୁ ଏବେ ପାର୍କରେ ସେ ପିଲାକୁ ଖୋଜୁଛନ୍ତି।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧, **ଫଟୋ ସୌଜନ୍ୟ: ଏଲିଗାଣ୍ଟ ଫଟୋଗ୍ରାଫି**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।





## ଆଧ୍ୟାତ୍ମିକ କ୍ଷେତ୍ର

# ମୟଲାପୁର

**ଚେନ୍ନାଇ ନିକଟସ୍ଥ ଏକ ଆଧାତ୍ମିକ କ୍ଷେତ୍ର ଭାବେ ଭିନ୍ନ ଏକ ପରିଚୟ ରହିଛି ମୟଲାପୁରର। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ଆଧାତ୍ମିକ ପୀଠ, ମଠ, ପାର୍କ, ଗାର୍ଡେନ୍ ଇତ୍ୟାଦି । ଏଠାକାର ସଂସ୍କୃତି, ପରମ୍ପରା ବି ବେଶ୍ ମନଛୁଆଁ ହୋଇଥାଏ। ଯେଉଁଥିପାଇଁ ପର୍ଯ୍ୟଟକଙ୍କର ଖୁବ୍ ଗହଳି ଏଠାରେ ଦେଖିବାକୁ ମିଳେ...**

ମୟଲାପୁର ହେଉଛି ଚେନ୍ନାଇ ସହରରୁ ମାତ୍ର ଅଳ୍ପ କିଛି କି.ମି ଦୂରରେ ଥିବା ଏମିତି ଏକ ସ୍ଥାନ ; ଯେଉଁଠାରେ ପର୍ଯ୍ୟଟକ ବିଭିନ୍ନ ଦେବାଦେବୀ ମନ୍ଦିର, ମଠ ଆଦି ବୁଲି ଦେଖିବା ସହ ସେଠାକାର ସଂସ୍କୃତି ଓ ପରମ୍ପରାକୁ ଖୁବ୍ ନିକଟରୁ ଜାଣିବାର ସୁଯୋଗ ପାଇପାରିବେ। ତା'ସହିତ ଏଠାରେ ଥିବା ବିଭିନ୍ନ ଚର୍ଚ୍ଚ ବି ବୁଲି ଦେଖିବେ। କେବଳ ସେତିକି ନୁହେଁ ସ୍ଥାନୀୟ ଅଞ୍ଚଳର ଅପୂର୍ବ ପ୍ରାକୃତିକ ଦୃଶ୍ୟକୁ ମନଭରି ଉପଭୋଗ କରିବା ସହ ଏଠକାର ଶାନ୍ତ ପରିବେଶରେ କିଛି ଦିନ ଆରାମରେ ଛୁଟି ମଧ୍ୟ କଟାଇପାରିବେ। ଖାସ୍ ଏହିସବୁ କାରଣ ପାଇଁ ପର୍ଯ୍ୟଟକ ବର୍ଷର ବିଭିନ୍ନ ସମୟରେ ଏଠାକୁ ବୁଲିଯିବାକୁ ପସନ୍ଦ କରିଥାନ୍ତି।


**କ'ଣ ଦେଖିବେ:** ମୟଲାପୁରର ସଂସ୍କୃତି ଓ ପରମ୍ପରା ବେଶ୍ ନିଆରା ଲାଗେ। ଏଠାକାର ଲୋକେ ଖୁବ୍ ଈଶ୍ୱର ବିଶ୍ୱାସୀ। ସେଥିପାଇଁ ଏଠାରେ ଏବଂ ଏହାର ଆଖପାଖ ଅଞ୍ଚଳରେ ଅନେକ ଦେବାଦେବୀ ମନ୍ଦିର ଥିବାର ଦେଖିବାକୁ ମିଳିଥାଏ। ଯେମିତିକି: କପାଳେଶ୍ୱର ମନ୍ଦିର, ଆଦି କେଶବ ପେରୁମାଲ ମନ୍ଦିର, ଶ୍ରୀ ଶ୍ରୀନିବାସାର୍ ମନ୍ଦିର, ମାଧବ ପେରୁମାଲ ମନ୍ଦିର ଆଦି ଅନ୍ୟତମ। ଏଠାରେ ଥିବା ରାମକୃଷ୍ଣ ମଠ ବି ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ଦେଇଥାଏ। ତା'ଛଡ଼ା ଏଠାରେ ଥିବା ସାନ୍ ଥୋମେ ଚର୍ଚ୍ଚ ଏବଂ ଲୁଜ୍ ଚର୍ଚ୍ଚର ଆକର୍ଷଣୀୟ ଦୃଶ୍ୟ ସାଙ୍ଗକୁ ଏଠାକାର ଶାନ୍ତ, ମନୋରମ ପରିବେଶ ପର୍ଯ୍ୟଟକଙ୍କୁ ଭିନ୍ନ ଏକ ଆନନ୍ଦ ପ୍ରଦାନ କରିଥାଏ। ଏସବୁବାଦ୍ ମୟଲାପୁରର ନିକଟବର୍ତ୍ତୀ ଅଞ୍ଚଳରେ ବି ପର୍ଯ୍ୟଟକ ଅନେକ କିଛି ଆକର୍ଷଣୀୟ ସ୍ଥାନ ବୁଲିବାର ସୁଯୋଗ ପାଇପାରିବେ। ଯଥା: ଶ୍ରୀ କରଣେଶ୍ୱର ମନ୍ଦିର, ଶ୍ରୀ ତୀର୍ଥପାଲେଶ୍ୱର ମନ୍ଦିର, ଶ୍ରୀ ଭେଲେଶ୍ୱର ମନ୍ଦିର, ଶ୍ରୀ ଭିରୁପାକ୍ଷେଶ୍ୱର ମନ୍ଦିର, ଶ୍ରୀ ମାଲେଶ୍ୱର ମନ୍ଦିର, ଭିର୍ ଅଞ୍ଜନାୟ ମନ୍ଦିର, ମ୍ୟୁଜିକ୍ ଏକାଡେମୀ, ଲାଇଟ୍ ହାଉସ୍, ନାଗେଶ୍ୱର ଗାର୍ଡେନ୍ ଇତ୍ୟାଦି ଅନ୍ୟତମ।

**ମ୍ୟୁଜିକ୍‌ରେ ରୁଚି:** ଏଠାକାର ଅଧିକାଂଶ ଲୋକଙ୍କର ମ୍ୟୁଜିକ୍‌ରେ ରୁଚି ଥିବାର ଦେଖିବାକୁ ମିଳେ। ସେଥିପାଇଁ ଏଠାରେ ଏକ ମ୍ୟୁଜିକ୍ ଏକାଡେମୀ ଥିବାର ଦେଖିବାକୁ ମିଳିଥାଏ। ସୂଚନାନୁଯାୟୀ, ପ୍ରତିବର୍ଷ ମାର୍ଚ୍ଚ–ଏପ୍ରିଲ୍‌ରେ ସ୍ଥାନୀୟ କପାଳେଶ୍ୱର ମନ୍ଦିରରେ ଏକ ବଡ଼ ଧରଣର ସାଂସ୍କୃତିକ ଉତ୍ସବର ଆୟୋଜନ କରାଯାଇଥାଏ ; ଯେଉଁଥିରେ ଭାଗ ନେବାକୁ ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ ଆସିଥାନ୍ତି। ଏହି ସମୟରେ ଏକ ମେଳାର ଆୟୋଜନ ବି କରାଯାଇଥାଏ ; ଯାହା ଖୁବ୍ ମନଛୁଆଁ ହୋଇଥାଏ। ପର୍ଯ୍ୟଟକ ଚାହିଁଲେ ଏହି ସମୟରେ ମଧ୍ୟ ଏଠାକୁ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ।

**କ'ଣ ଖାଇବେ:** ଏଠାରେ ମୁଖ୍ୟତଃ ସାଉଥ୍ ଇଣ୍ଡିଆନ୍ ଫୁଡ୍‌ର ଚାହିଦା ଖୁବ୍ ରହିଥାଏ। ତା'ଛଡ଼ା ପର୍ଯ୍ୟଟକଙ୍କ ରୁଚିକୁ ଦେଖି ଭିନ୍ନ ଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ବି ଏଠାରେ ପ୍ରସ୍ତୁତ କରାଯାଇଥାଏ।

**କେବେ ଓ କେମିତି ଯିବେ:** ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ରହିଛି। ସେହିପରି ଗମନାଗମନ ପାଇଁ ଥିରୁମାଇଲାଇ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ତଥା ପ୍ରମୁଖ ରେଳଷ୍ଟେଶନ। ସେହିପରି ପର୍ଯ୍ୟଟକ ଚାହିଁଲେ ବସ୍ ଯୋଗେ ମଧ୍ୟ ଏଠାକୁ ବୁଲିଯାଇପାରିବେ।







# ଅଟୋରିକ୍ସାର ତିନୋଟି ଚକ ଥାଏ କାହିଁକି



**ସହର ହେଉକି ଗାଁ, ତିନି ଚକିଆ ଅଟୋରିକ୍ସାର ଚାହିଦା ସବୁଠି ଆକାରରେ ଛୋଟ କିନ୍ତୁ ଗଳିକନ୍ଦିର ଏହା ରାଜା । ସବୁ ପ୍ରକାର ରାସ୍ତାରେ ସହଜରେ ଯାଇପାରେ, ଯାତ୍ରୀଙ୍କୁ ଠିକ୍ ସମୟରେ ପହଞ୍ଚାଇପାରେ । ସେଥିପାଇଁ ତ ଏହା ସମସ୍ତଙ୍କର ପ୍ରିୟ। ତେବେ କେବେ ଭାବିଛନ୍ତି କି ଏହାକୁ ତିନି ଚକିଆଭାବେ କାହିଁକି ନିର୍ମାଣ କରାଯାଇଛି । ଜାଣନ୍ତୁ ସେ ସମ୍ପର୍କରେ...**

ଭାରତର ବିଭିନ୍ନ ଯାନବାହନ ଭିତରେ ଅଟୋରିକ୍ସା ଅନ୍ୟତମ । ଯେକୌଣସି ସହରକୁ ଯାଆନ୍ତୁ ନା କାହିଁକି ଏହି ତିନି ଚକିଆ ଯାନ ସବୁଠି ଦେଖିବାକୁ ମିଳିଥାଏ । କହିବାକୁଗଲେ ଅଟୋରିକ୍ସା ହେଉଛି ସବୁଠୁ ଲୋକପ୍ରିୟ ପବ୍ଲିକ ଟ୍ରାନ୍ସପୋର୍ଟ। ତେବେ ଏହାକୁ କାହିଁକି ତିନି ଚକିଆ ଭାବେ ନିର୍ମାଣ କରାଯାଇଛି ସେ ସମ୍ପର୍କରେ କେତେଜଣ ବିଶେଷଜ୍ଞ କୁହନ୍ତି– ପ୍ରଥମ କଥା ହେଉଛି ଅଟୋକୁ ବଡ଼, ଓସାରିଆ ସଡ଼କଠାରୁ ଆରମ୍ଭ କରି ସାହି, ଗଳିକନ୍ଦିରେ ଯିବା ଲାଗି ଡିଜାଇନ୍ କରାଯାଇଛି । ତେଣୁ ଏହାର ସାମ୍ନା ଭାଗକୁ ଚାରିକୋଣିଆ ପରିବର୍ତ୍ତେ ତିନି କୋଣିଆ କରାଯାଇଛି । ଫଳରେ ଏହାକୁ ଯେକୌଣସି ସ୍ଥାନରେ ପାର୍କିଂ କରିହୁଏ ଓ ଗହଳି ସ୍ଥାନରେ ବି ଏହା ସହଜରେ ଯାଇପାରେ । ସାମ୍ନାଭାଗରେ କେବଳ ଗୋଟିଏ ଚକ ରହିବା ଯୋଗୁ ହିଁ ଏହି କାମ ସମ୍ଭବ ହୋଇଥାଏ । ତେଣୁ ଚାରି ଚକିଆ ଗାଡ଼ି ଅପେକ୍ଷା ଏଥିରେ ଲୋକେ ଶୀଘ୍ର ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରନ୍ତି । ତିନି ଚକ ଥିବାରୁ ଅଟୋର ନିର୍ମାଣ କମ୍ ଖର୍ଚ୍ଚରେ ଓ ସହଜରେ ହୋଇଥାଏ । ଏହାର ମେଣ୍ଟେନାନ୍ସ ଖର୍ଚ୍ଚ ବି କମ୍ ରହେ । ତେବେ ଯଦି ଅଟୋରେ ଚାରୋଟି ଚକ ଲଗାଇ ଦିଆଯିବ ଏହାର ମୂଲ୍ୟ ବଢ଼ିଯିବ । ଯଦ୍ୱାରା ସାଧାରଣ ଲୋକେ ଏହାକୁ କିଣିପାରିବେ ନାହିଁ ।

ସଂକୀର୍ଣ୍ଣ ରାସ୍ତାରେ ସହଜରେ ଆଗ ପଛ, ବାମ ଡାହାଣ ମୋଡ଼ିବା ଲାଗି ଅଟୋର ଆଗପଟ ଛୋଟ ଓ ଦୁଇ ଚକ ବଦଳରେ ଗୋଟିଏ ଚକ ରଖାଯାଇଛି । ଫଳରେ ଅଟୋ ବିନା କିଛି ଅସୁବିଧାରେ ସହଜରେ ଯେଉଁଆଡ଼େ ଚାହିଁବ ଯାଇପାରିବ । କିନ୍ତୁ ଦେଖିଥିବେ ନାନୋ ଭଳି ଅନ୍ୟ ଛୋଟ ଚାରି ଚକଆ କାର୍ ଗହଳି ଓ ସଂକୀର୍ଣ୍ଣ ରାସ୍ତାରେ ଫସି ଯାଏ । ହେଲେ ଅଟୋର ତିନି ଚକ ଥିବାରୁ ତାହା ଫସି ନ ଥାଏ । ଏହାକୁ ଚଲାଇବା ବି ସହଜ । କାହିଁକି ନା ଏହା ଅଧିକ ସନ୍ତୁଳନରେ ରହେ । ଏହାର ଇଞ୍ଜିନ ହାଲୁକା ଓ ଏହାକୁ ହ୍ୟାଣ୍ଡେଲ କରିବା ବି ସହଜ । ଏଥିରେ ଇନ୍ଧନ ମଧ୍ୟ କମ୍ ଖର୍ଚ୍ଚ ହୁଏ ।




# ଘୋଡ଼ା ଉପରେ ଯୋଗ

ଯଦିଓ ପଶୁଙ୍କ ସହ ଯୋଗ କରିବା ଆଉ ଏକ ନୂଆ ଟ୍ରେଣ୍ଡ ହୋଇ ନାହିଁ । ତେବେ ଘୋଡ଼ାଙ୍କ ସହ ଯୋଗ କରିବାର ଅନୁଭୂତି ସମ୍ପୂର୍ଣ୍ଣ ଅଲଗା । ଏଥିରେ ଭୂମିରେ ମଶିଣା ପକାଇ ଯୋଗ କରାଯାଇ ନ ଥାଏ । ବରଂ ଘୋଡ଼ାର ପିଠି ପାଲଟେ ଯୋଗ କରିବା ପାଇଁ ମ୍ୟାଟ୍ । ଆଉ ତାରି ଉପରେ ହିଁ କରିବାକୁ ହୁଏ ଯୋଗର ବିଭିନ୍ନ ଆସନ । ଏଥିପାଇଁ ଘୋଡ଼ା ସହ ମଣିଷର ତାଳମେଳ ଓ ମନ ମିଶିବା ବହୁତ ଜରୁରୀ । ଏହି ଯୋଗକୁ ହର୍ଷ ଯୋଗ ଅବା ହୋଗା ବୋଲି କୁହାଯାଉଛି । ସ୍ପେନ୍‌ର ଲା ଡୋନେୟର୍ ଇକୋ ରିସର୍ଟରେ ଗ୍ରାହକଙ୍କୁ ଦିଆଯାଇଥାଏ ଏଭଳି ଯୋଗ କରିବାର ନିଆରା ଅନୁଭୂତି । ଏଠାରେ ଅଛନ୍ତି ପାଖାପାଖି ୭୦ଟି ତାଲିମ୍‌ପ୍ରାପ୍ତ ଓ ସହଜରେ ଆୟତ୍ତ କରାଯାଇପାରୁଥିବା ଘୋଡ଼ା । ତେଣୁ ଯେକୌଣସି ବ୍ୟକ୍ତି ଏହି ଯୋଗର ମଜା ଉଠାଇ ପାରିବେ । ହେଲେ ଘୋଡ଼ା ଉପରେ ନିୟନ୍ତ୍ରଣ ରଖି ଯୋଗ କରିବା ଏତେଟା ସହଜ ନୁହେଁ । ଘୋଡ଼ା ଟିକେ ହଲଚଲ ହେଲେ ଘୋଡ଼ା ପିଠିରୁ ଖସି ପଡ଼ିବାର ଆଶଙ୍କା ଥାଏ ।






## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଡହରାନନ୍ଦ

ସେ ଭାରି ମାନ୍ୟଗଣ୍ୟ ବ୍ୟକ୍ତି । ତାଙ୍କ ବ୍ୟକ୍ତିତ୍ୱର ଅଭିବ୍ୟକ୍ତି ହେଲା, ସବୁଠି ସମସ୍ତଙ୍କୁ ବୁଝାନ୍ତି ଯେ, ଡହରାମି ଜମାରୁ ଭଲ ନୁହେଁ । ଦୟାକରି କେହି ଡହରାମି କରନ୍ତୁ ନାହିଁ କି ଡହରାକଥା କୁହନ୍ତୁ ନାହିଁ । ମାତ୍ର ସେ ନିଜେ ଜାଣନ୍ତି, ଡହରାମିରେ ଗୋଟେ ନିଆରା ଆନନ୍ଦ ଥାଏ। ତେଣୁ ସେ ନିଜେ ଖୁବ୍ ଡହରାକଥା ଅତି ସୁନ୍ଦର ଭାବରେ କହି ଆନନ୍ଦ ପାଆନ୍ତି ବୋଲି ତାଙ୍କ ବୋପା-ମା'ଦିଆ ଅସଲ ନାଁ ପରିବର୍ତ୍ତେ ଲୋକେ ତାଙ୍କୁ ଡହରାନନ୍ଦ ବୋଲି ଚିହ୍ନନ୍ତି... ଜାଣନ୍ତି, ତେବେ ମୁହଁ ଆଗରେ ଏଇ ନାମରେ ନ ଡାକି ଭଦ୍ରବାବୁ ବୋଲି ଡାକିଥାଆନ୍ତି। ବାବୁଙ୍କର କୋଉ ଗୁଣ ନାହିଁ- ଏକଥା କେହି କହିପାରିବେନି। ୟାଙ୍କଠି ଚଉଷ କଳା ଖୁନ୍ଦି ହୋଇକି ଅଛି। କେହି କେହି ଚଉଷ ନୁହଁ, ଚଉଷଠି କଳା ଭରିରହିଛି ବୋଲି କହନ୍ତି। ତାଙ୍କର ଭଲଗୁଣ ବହୁତ। ଯେମିତି କାହା ଘରେ ଯଦି କଳିକଜିଆ ନାହିଁ, ସେ ଭାରି ଦୁଃଖ କରନ୍ତି । ଆପଣାର ଦୟା-ଦାନ ଗୁଣରେ ଅତି ଅଳ୍ପ ସମୟ ମଧ୍ୟରେ ଦୀର୍ଘକାଳୀନ ମାନେ ଲଙ୍ଗ୍-ଲାଷ୍ଟିଂ ଝଗଡ଼ା ପ୍ରଦାନ ପୂର୍ବକ ଭାଇ-ଭାଇ, ପତି-ପତ୍ନୀ, ପିତା-ପୁତ୍ରଙ୍କ ସମ୍ପର୍କକୁ ବଡ଼ିଆ ତିକ୍ତତାରେ ବଦଳେଇପାରନ୍ତି। ଦିନେ ଆମ ଅଞ୍ଚଳରେ ରାମ-ଲକ୍ଷ୍ମଣ ଭଳିଆ ଦୁଇ ଭାଇଙ୍କୁ ଅଲଗା ଭାବରେ ଏମିତି ମନ୍ତ୍ର ଦେଲେ ଯେ, ବିଚରା ବାଟିଏ ଜମି ବିକି କୋର୍ଟ କଚେରି ଧାଇଁବାରେ ଉଡ଼େଇ ଦେଇଥିଲେ। ନିର୍ବାଚନ ଋତୁରେ ଏଇ ଡହରାନନ୍ଦଙ୍କ ଆନନ୍ଦ କହିଲେ ନସରେ! ସବୁ ଦଳୀୟ ନେତା, କର୍ମୀ ଭାବନ୍ତି ଇଏ ଆମ ମଙ୍ଗଳ ଚାହୁଁଛନ୍ତି। ହେଲେ ଏମିତି ବୁଦ୍ଧି ଦେଇଥାନ୍ତି ଯେ, ସେମାନେ ଅଖା ଧୋଉଥାଆନ୍ତି, ଗୁଣ ଗାଉଥାଆନ୍ତି। ପୁରା ଶକୁନିଙ୍କ ବଡ଼ବାପା କି ଆଉ! ବାବୁଙ୍କ ସାମ୍ୟବାଦୀ ଚିନ୍ତା ଓ ବକ୍ତୃତାକୁ ଶୁଣୁଥିବା ଶ୍ରୋତା ସମସ୍ତେ ଶହେ ସଲାମ କରନ୍ତି । ବାବୁଙ୍କ କରାମତିରେ କେହି ମରନ୍ତି ନାହିଁ, ଖାଲି ଶହୀଦ ହୁଅନ୍ତି, ନଇଲେ ନିଶ୍ଚୟ ରକ୍ତାକ୍ତ- କ୍ଷତବିକ୍ଷତ ଯେ ହେବେ ନାହିଁ, ଏମିତି କେହି ଆଜିଯାଏ କହିନାହାନ୍ତି । ତାଙ୍କ ବୁଦ୍ଧି ଓ ଭାଷଣ କେବେ ଫେଲ୍ ମାରିନାହିଁ... ପୁରା ଗ୍ୟାରେଣ୍ଟିଯୁକ୍ତ କାମଦିଏ । ନିର୍ବାଚନରେ ଆମ ଅମୁକଦଳ କିଆଁ ହାରିଲେ ବୋଲି ପଚାରିଲେ, ସେ କୁହନ୍ତି କେତେବେଳେ ଭୋଟ ମେସିନ୍ ଟାମ୍ପରିଂ ହୋଇଛି ତ ଅନ୍ୟ ଦଳ ପଚାରିଲେ କୁହନ୍ତି, ଆପଣଙ୍କ ଲୋକହିତ ପ୍ରବଳ, କାମ ପାଇଁ ସିନା ଜିତିଲେ ବୋଲି ଆପଣ ଭାବୁଛନ୍ତି, ମାତ୍ର ଆପଣଙ୍କ ଦଳ ହାରିବାର ଥିଲା । ଖାଲି ମୋ' ବୁଦ୍ଧି ପାଇଁ ପରା ଜିତିଲା... ଇତ୍ୟାଦି ।

ସହରଠାରୁ ଗାଁଯାଏ ଖୁବ୍ ଗରମ ଭାଷଣ ଦେବାରେ ଶ୍ରୋତାଙ୍କ ଭିଡ଼ ଜମେଇ ବାନ୍ଧି ରଖିବାରେ ଡହରାନନ୍ଦଙ୍କ ପ୍ରଶଂସା ଶୁଣି ଦିନେ ଗୋଟେ ସଭାକୁ ଯାଇଥିଲି । ଭାଷଣରେ କହୁଥିଲେ... ବନ୍ଧୁଗଣ! ମନୁଷ୍ୟ ସମସ୍ତେ ସମାନ। ମାତ୍ର ଅଳ୍ପ କେତେଜଣ ସବୁ ସୁବିଧା ପାଉଛନ୍ତି, ପୁଞ୍ଜିପତି ହେଉଛନ୍ତି। ଅନ୍ୟମାନେ ସର୍ବହରା ଖଟି ମରୁଛନ୍ତି। ଆମେ ତାଙ୍କ ଧନ ଜୋର୍‌କରି ସମସ୍ତଙ୍କୁ ସମାନ ବାଣ୍ଟିଦେବା । ଥିଲାବାଲାଙ୍କଠାରୁ ଛଡ଼େଇନେଇ ନ ଥିଲାବାଲାଙ୍କୁ ଦେଇଦେବା... ଇତ୍ୟାଦି। ଏଇ ଭାଷଣ ଥିଲା ଶୀତୁଆ ସନ୍ଧ୍ୟାରେ, ଭୋଟ ଆଗରୁ ପଲ୍ଲୀ ଅଞ୍ଚଳ ପଡ଼ିଆରେ। ଖୁବ୍ ତାଳି ମାରିଲେ ଶ୍ରୋତା, ମୁଗ୍ଧ ହେଲେ



ବକ୍ତା। ମଞ୍ଚରୁ ଓହ୍ଲାଇ ଡହରାବାବୁ ଆସୁ ଆସୁ ଜଣେ ଭିକାରି ବୁଢ଼ାଲୋକ ତାଙ୍କ ପାଖକୁ ଧାଇଁ ଆସିଲେ। ମୁଣ୍ଡିଆ ମାରିଲେ। ତାଙ୍କ କାନ୍ଧରେ ପଡ଼ିଥିବା ଦାମୀ ଚାଦର- ସାଲ୍‌କୁ ଟାଣିଲେ । ବାବୁ ଖୁବ୍ ରାଗିଗଲେ। କହିଲେ... କିହୋ! ମୋ ଚାଦର କିଆଁ ଟାଣୁଛ? ଭିଙ୍ଗୁଛ? ଲୋକଟି କହିଲା... ଆପଣ ପରା ମୋ ଭାଇ, ଯେ ସର୍ବହରାଙ୍କ ପାଇଁ କାନ୍ଦୁଥାଇ। ଆପଣ ଥିଲାବାଲା, ମୁଁ ନ ଥିଲାବାଲା। ଆପଣଙ୍କ କୋଠାଘର, ମୋର ଝୁମ୍ପୁଡ଼ି ଯାଇଛି ଉପୁଡ଼ି। ଆପଣଙ୍କ କାନ୍ଧରେ ଦାମୀ ଶୀତୁଆ ଚାଦର, ମୁଁ ଥଣ୍ଡାରେ ଥରଥର। ତେଣୁ ମୋର ସେଇ ଚାଦର ଖଣ୍ଡିକ ଆଣି ବ୍ୟବହାର କରିବା ନିହାତି ଦରକାର। ଡହରାବାବୁଙ୍କ ଏଇ ଭିକାରିର କଥା ଶୁଣି ମଥାବିନ୍ଧା ଆରମ୍ଭ ହୋଇଗଲା। ତୁରନ୍ତ ଜାଗା ଛାଡ଼ି ଯାଉ ଯାଉ ଭାବୁଥିଲେ, ଏ ଲୋକ ମୋ କଥାକୁ କେବଳ ଶୁଣି ମୋରି ଠେଇଁ ପ୍ରୟୋଗ କରୁଛି! ମାନେ ମୋ ବିଲେଇ ମୋତେ ମ୍ୟାଉଁ!

ଆଉ ଦିନେ ଭଦ୍ରବାବୁ ଦେଖିଲେ ଦନେଇ ମୁହଁ ଶୁଖେଇ ଆସୁଛି ପଚାରିଲେ, କିରେ କ'ଣ ହୋଇଛି? ଦନେଇ କହିଲା- ଭାଇ! ମନ ଭଲନାହିଁ । ହାତରେ ଟଙ୍କାଟେ ନାହିଁ। ଝିଅ ବାହାଘର ମୁଣ୍ଡ ଉପରେ । କ'ଣ କରିବି ବୁଦ୍ଧିବାଟ ଦିଶୁନାହିଁ। ବାବୁ କହିଲେ, ଚିନ୍ତା କରନାହିଁ। ସବୁ ଠିକ୍ ହୋଇଯିବ। କେତେ କ'ଣ ଦେଲେ ହେବ କୁହ। ଦନେଇ କହିଲା- ଜ୍ୱାଇଁ ପାଇଁ ସୁନାଚେନ ମୁଦି, ଭୋଜି, ଲୁଗାପଟା ପାଇଁ ଅତି ନିକୁଛିଆରେ ଟଙ୍କା ଦି'ଲକ୍ଷ ହେଲେ ହୋଇଯିବ। ବାବୁ କହିଲେ, ମୁଁ ଦେବି । ଆୟୋଜନରେ ଲାଗିଯାଅ' । ବାହାଘର ପନ୍ଦର ଦିନରୁ ପାଞ୍ଚ ଦିନ, ଏମିତି କି ମଙ୍ଗନଦିନ ଯାଏ ଖାଲି ବାବୁ ଦନେଇକି ଆଶା ଭରସା ଦେଇ ବିବାହ ଦିନ ଫୋନ୍ କଲାରୁ ଆଉ ଉଠେଇଲେ ନାହିଁ। ଆଠ-ଦଶ ଥର ଫୋନ୍ କରିବା ପରେ ଶେଷରେ ଉତ୍ତର ଦେଲେ- ମୁଁ ମନ୍ତ୍ରୀଙ୍କ କାମରେ ବହୁତ ବିଜି ଅଛି। ଏଠୁ ଗଲେ ସବୁ ରେଡିକରି ରଖିଛି ଦେଇଦେବି । ବ୍ୟସ୍ତ ହୁଅନି ଦନେଇ । ମୁଁ ପରା ଜବାବ ଦେଇଛି । ମୋ ଉପରେ କ'ଣ ବିଶ୍ୱାସ ନାହିଁ? ବରଷେ ଉପରେ ଷଣ୍ଢ ଶୃଗାଳ ଉପାଖ୍ୟାନ ପରି ଦନେଇ ଅନେଇଥିଲା । ଝିଅ ବାହୁଅ ପାଣି ଗାଧୋଇ ଘରେ, ତେଣେ ବରପିତା ଭଦ୍ର ଅପମାନ ଦେଇ ଫେରାଇ ନେଇଥିଲେ ବର ଓ ବରଯାତ୍ରୀ। ତଥାପି ଡହରାନନ୍ଦ ଭଦ୍ରବାବୁ ସମ୍ମାନ ପାଉଥିଲେ ସମାଜରେ! ବିଖ୍ୟାତ ହୋଇଥିଲେ ସମାଜସେବୀ ଭାବରେ। ବାବୁ ବେଙ୍ଗିପିତଳକୁ ଚବିଶ କ୍ୟାରେଟ୍ ସୁନା କରିଦେଇ ପାରନ୍ତି। କେତେବେଳେ ସ୍ଥାନ କାଳ ପାତ୍ର ଦେଖି ନିଜକୁ ଖାଣ୍ଟି ପୋଲିସ ବଡ଼ ସାର୍‌ରେ ବଦଳେଇ ଦେଇପାରନ୍ତି ତ ପୁଣି କେତେବେଳେ ସ୍ତ୍ରୀ-ପ୍ରସୂତି ବିଶେଷଜ୍ଞ ଭାବେ ବହୁତ ନାରୀଙ୍କୁ ଗର୍ଭ ଯନ୍ତ୍ରଣାରୁ ମୁକ୍ତିଦେଇ ସିଧା ସ୍ୱର୍ଗ ଗମନର ଟିକେଟ ଧରେଇ ଦେଇପାରନ୍ତି। କାଗଜ ଡିଗ୍ରୀଠାରୁ ମଗଜ ଡିଗ୍ରୀ ବେଶି ବୋଲି ବହୁବାର ପ୍ରମାଣିତ କରିପାରିଛନ୍ତି। ମୋଟାମୋଟି ବହୁ ପଣ୍ଡିତ ଜ୍ଞାନୀ ଜନଙ୍କୁ ଚତୁର ଗୁଣରେ ହରେଇ ପାରୁଥିବାରୁ ତାଙ୍କଠାରୁ ତାଲିମ ନେଇପାରିଲେ, ତାଙ୍କ ଭଳିଆ ମୋଟା ଅର୍ଥ ରୋଜଗାର କରି ବେକାର ଯୁବଗଣ ଆତ୍ମନିର୍ଭରଶୀଳ ହୋଇପାରନ୍ତେ ବୋଲି ଅନେକ ତାଲିମ କେନ୍ଦ୍ର ଖୋଲିବା ଚେଷ୍ଟାରେ ଥିଲାବେଳେ, ସଦ୍ୟ ଖବର ମିଳିଲା ଯେ ଅସହିଷ୍ଣୁ ପୁଲିସିଆ ବାବୁ ଡହରାବାବୁଙ୍କୁ ଆରେଷ୍ଟ କରି ଜେଲ୍‌ରେ ରେଷ୍ଟ ଦେବାର ବ୍ୟବସ୍ଥା କରିଦେଲେ। ଆହା! ଏଭଳି କର୍ମଠ-ସମାଜସେବୀ ବ୍ୟକ୍ତିଙ୍କ ମୂଲ୍ୟ କେତେ... କ'ଣ ସମାଜ ସମୁଝିଲା।


-ମଙ୍ଗରାଜପୁର, ପୁରୀ
ମୋ:୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ସର୍ବତତ୍ତ୍ୱମୟ ଶ୍ରୀ ଜଗନ୍ନାଥ

**ପ୍ରଫେସର ଡକ୍ଟର ଧ୍ରୁବ ଚରଣ ନାୟକ**
**ପ୍ରକାଶକ-ଇଂ ପ୍ରିୟବ୍ରତ ନାୟକ**
**ରତ୍ନାକର ବାଗ, ଭୁବନେଶ୍ୱର -୧୮, ମୂଲ୍ୟ-୪୦୦ଟଙ୍କା**

'ସର୍ବତତ୍ତ୍ୱମୟ ଶ୍ରୀ ଜଗନ୍ନାଥ' ପୁସ୍ତକରେ ଜଗନ୍ନାଥଙ୍କ ତତ୍ତ୍ୱ ବିଷୟରେ ଆଲୋଚନା କରାଯାଇଛି। ବୈଷ୍ଣବ ଦେବତାରୂପେ ପୂଜିତ ଜଗନ୍ନାଥଙ୍କୁ ତନ୍ତ୍ରାୟିତ କରି ତନ୍ତ୍ରର ଦେବତାରୂପେ ଆକ୍ଷାୟିତ କରିବା ପରିପ୍ରେକ୍ଷୀରେ ବହୁ ପ୍ରାଚୀନ ଗ୍ରନ୍ଥରୁ ଦୃଷ୍ଟାନ୍ତମୂଳକ ଶ୍ଳୋକକୁ ଅନୁଶୀଳନ କରି ପ୍ରମାଣିତ କରିବାରେ ଲେଖକ ଚେଷ୍ଟା କରିଛନ୍ତି। ସର୍ବତତ୍ତ୍ୱମୟ ଜଗନ୍ନାଥଙ୍କୁ



ପରମତତ୍ତ୍ୱମୟ ନିୟାମକ ଆଧାରରେ ସର୍ବ ଧର୍ମ, ସର୍ବତତ୍ତ୍ୱ ଓ ସର୍ବଜ୍ଞାନ ନିର୍ବିଶେଷରେ ସନାତନ ଧର୍ମରୂପି ପୁରୁଷାର୍ଥ ଲାଭ କରିବା ପାଇଁ ବିଶ୍ୱ ବିଦିତ ସର୍ବତତ୍ତ୍ୱମୟ ଦାରୁବ୍ରହ୍ମ ଜଗନ୍ନାଥଙ୍କ ଶରଣାପନ୍ନ ହେବା ପାଇଁ ଲେଖକ ଆହ୍ୱାନ ଦେଇଛନ୍ତି। ପୁସ୍ତକଟିରେ ଲେଖକ ପ୍ରଫେସର ନାୟକ ଅନେକ ତଥ୍ୟ ଉପସ୍ଥାପନ କରିଛନ୍ତି । ଯାହା ସବୁ ବର୍ଗର ପାଠକଙ୍କୁ ଆକୃଷ୍ଟ କରିବ ଏଥିରେ ସନ୍ଦେହ ନାହିଁ।

### ଛାୟା ଚନ୍ଦ୍ରିକା

**ପ୍ରଣତି ପଟ୍ଟନାୟକ, ପ୍ରକାଶକ-କାବ୍ୟଲୋକ**
**ଲୁଇସ୍‌ରୋଡ୍, ଗ୍ୟାରେଜଛକ**
**ଭୁବନେଶ୍ୱର-୨, ମୂଲ୍ୟ-୨୫୦ଟଙ୍କା**

'ଛାୟା ଚନ୍ଦ୍ରିକା' ପ୍ରଣତୀ ପଟ୍ଟନାୟକଙ୍କ ଉପନ୍ୟାସ । ଜାତି, ଧର୍ମ ଓ ପ୍ରାନ୍ତୀୟ ଭେଦଭାବକୁ ନେଇ ରଚିତ କାହାଣୀରେ ସେ ଦେଖାଇ ଦେଇଛନ୍ତି ଯେ, ମଣିଷର ମନ ଓ ଆତ୍ମାର ମିଳନ ହିଁ ଜୀବନକୁ ସୁନ୍ଦର ଓ ବାସ୍ନାମୟ କରି ତୋଲିଥାଏ । ଭିନ୍ନ ଜାତି ବା ପ୍ରାନ୍ତରର ଦୁଇ ଯୁବକ ଯୁବତୀ ବିବାହ ବନ୍ଧନରେ




ବାନ୍ଧି ହୋଇ ନିଜ ଦାୟିତ୍ୱକୁ ସୁନ୍ଦର ଭାବେ ପ୍ରତିପାଦିତ କରିପାରିଛନ୍ତି। ବଙ୍ଗାଳୀ ପରିବାରର ସୁଚେତା ପ୍ରେମ ବିବାହ କରିଛି ସ୍ୱରୂପ ମହାପାତ୍ର ନାମକ ଓଡ଼ିଆ ଯୁବକଙ୍କୁ। ଘରେ ସମସ୍ତେ ସେମାନଙ୍କୁ ଆପଣେଇ ନେଇଥିବା ବେଳେ ଗାଁର ନୀଚ ପ୍ରକୃତିର ହିଂସୁକ ବ୍ୟକ୍ତିମାନେ ତାଙ୍କୁ ସମାଲୋଚନା କରି ତାଙ୍କ ଘରେ ଅଶାନ୍ତି ଆଣିବାକୁ ଚେଷ୍ଟା କରିଛନ୍ତି। ଏଭଳି ଭାବରେ ଲେଖିକା ଉପନ୍ୟାସର ଚରିତ୍ରକୁ ଚିତ୍ରଣ କରିଛନ୍ତି। ବହିଟି ପଢିଲେ ନିଶ୍ଚୟ ଭଲ ଲାଗିବ ବୋଲି ଆଶା କରାଯାଏ।

### ଭାବାବେଗ

**ଜ୍ୟୋତିର୍ମୟୀ ପରିଡା, ପ୍ରକାଶକ- ବନଫୁଲ**
**ଭିଏସ୍‌ଏସ୍ ନଗର, ଭୁବନେଶ୍ୱର**
**ମୂଲ୍ୟ-୧୭୦ଟଙ୍କା**

'ଭାବାବେଗ' ଜ୍ୟୋତିର୍ମୟୀ ପରିଡାଙ୍କ କବିତା ସଂକଳନ। ଏଥିରେ ୬୦ଟି କବିତା ରହିଛି । ମନ ତଳର ଅକୁହା କଥାକୁ କବିତାରେ ରୂପଦେବା, ସମାଜରେ ଘଟୁଥିବା ଅନ୍ୟାୟ, ଅତ୍ୟାଚାର, ଦୁର୍ନୀତି ବିରୋଧରେ କବିତାରେ ସ୍ୱର ଉଠାଇବାର ପ୍ରୟାସ ସେ କରିଛନ୍ତି।




ସରଳ ଶବ୍ଦରେ ସଫଳ କବିତା ଲେଖିବା କବୟିତ୍ରୀଙ୍କୁ ବେଶ୍ ଜଣା। ଯେମିତିକି - ମୁଁ କେବେ ଶୁଣିଥିଲି ଆଖିରେ ଉଚ୍ଛୁଳୁଥିବା ଲୁହ ସବୁ, କବିତା ହୋଇ ଝରିଯାଏ/ଛାତି ଭିତରେ କୁହୁଳୁଥିବା କୋହ ସବୁ, କାହାଣୀ ହୋଇ କଲମର କାଳିରେ କାଗଜରେ ଛପାହୁଏ । ସେମିତି ଫୁଲ ହେଉ କିମ୍ବା ରଙ୍ଗମଞ୍ଚ ଯାହାକୁ ପଢିବେ ତାହା ପାଠକଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଏ।

ବ୍ୟାକ୍ ପେଜ୍



# କେଇ ସେକେଣ୍ଡରେ ପାସ୍ତା ଶେଷ

ଇଟାଲୀୟାନ୍ ଫୁଡ୍ ପାସ୍ତା ଅନେକଙ୍କର ପ୍ରିୟ। ଖାସ୍‌କରି ଛୋଟପିଲାଙ୍କୁ ଏହା ବହୁତ ଭଲ ଲାଗେ । ତେବେ ଭାବିଲେ ଗୋଟିଏ ଗିନା ପାସ୍ତା ଖାଇବାକୁ ଜଣଙ୍କୁ କେତେ ସମୟ ଲାଗିବ ? ଅତିକମ୍‌ରେ ୧୦ ମିନିଟ୍ ତ ନିଶ୍ଚିତଭାବେ ଲାଗିବ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ମହିଳା ମାତ୍ର କେଇ ସେକେଣ୍ଡରେ ଗିନାରେ ଭର୍ତ୍ତି ପାସ୍ତାକୁ ଖାଇ ରେକର୍ଡ ସୃଷ୍ଟି କରିଛନ୍ତି। ଏହି ମହିଳାଜଣକ ହେଉଛନ୍ତି ଆମେରିକାର ମିସେଲ ଲେସ୍କୋ। ତାଙ୍କ ପାଇଁ ଚ୍ୟାଲେଞ୍ଜ ଥିଲା ୧୦୦ ଗ୍ରା. ପାସ୍ତା ଓ ସସ୍‌କୁ ଯେତେ ସମ୍ଭବ କମ୍ ସମୟରେ ଖାଇବେ। ଆଉ ମିସେଲ୍ ମାତ୍ର ୨୬.୬୯ ସେକେଣ୍ଡରେ ସବୁ ପାସ୍ତା ଖାଇ ଶେଷ କରି ଦେଇଥିଲେ। ସେ ପାସ୍ତା ଖାଉଥିବା ସମୟରେ ଦେଖି ବିଶ୍ୱାସ କରି ହେଉ ନ ଥିଲା ଯେ, ଏତେ ଶୀଘ୍ର ସେ କେମିତି ଖାଇପାରୁଛନ୍ତି। ଅନେକେ ଭାବୁଥିବେ ଖାଇବା ରେକର୍ଡ ମଜାଦାର ଓ ସହଜ ହୋଇଥିବ। ହେଲେ ଏହା ଆଦୌ ସହଜ ନୁହେଁ। ଅଭ୍ୟାସ ନ ଥିଲେ ଖାଦ୍ୟ ଶୀଘ୍ର ଖାଇବା ସମୟରେ ତଣ୍ଟିରେ ଲାଖି ଅଣନିଃଶ୍ୱାସୀ ହେବାର ଆଶଙ୍କା ଥାଏ।









# ଜଳୁଛି ଏହି ନେଲ୍‌ଆର୍ଟ

ସୁନ୍ଦର ନେଲ ଆର୍ଟ କରିବାକୁ କେଉଁ ଝିଅ ବା ନ ଚାହେଁ। ହାତର ସୌନ୍ଦର୍ଯ୍ୟ ବଢ଼ାଉଥିବା ଏହି କଳା ଏବେ ଦିନକୁ ଦିନ ଲୋକପ୍ରିୟ ହେବାରେ ଲାଗିଲାଣି। ଅନ୍ୟପକ୍ଷେ ଦକ୍ଷିଣ କୋରିଆର ପ୍ରସିଦ୍ଧ ନେଲ୍ ଆର୍ଟ ଟେକ୍‌ନିସିଆନ୍ ପାର୍କ ଇଉଙ୍କୟଙ୍ଗ ଏବେ ଆରମ୍ଭ କରିଛନ୍ତି ଆଉ ଏକ ନୂଆ ନେଲ୍‌ଆର୍ଟ ଟ୍ରେଣ୍ଡ। ଯେଉଁଥିରେ ନଖକୁ ସଜାଯାଇଥାଏ ଭିନ୍ନ ଭିନ୍ନ ରଙ୍ଗର ଏଲ୍‌ଇଡି ଲାଇଟ୍‌ରେ। ହଁ, ଏହି ନେଲ ଆର୍ଟ କଲେ ନଖଗୁଡ଼ିକ ସୁନ୍ଦର ଦେଖାଯିବା ସହ ଚକ୍‌ଚକ୍ ହୋଇ ଜଳିବ।

ଖାସ୍‌କରି ଅନ୍ଧାରରେ ହାତର ନଖ ଏଭଳି ଔଜ୍ଜ୍ୱଲ୍ୟମାନ ଦେଖାଯିବ ଯେ, ସମସ୍ତଙ୍କ ନଜର ଆପଣଙ୍କ ନଖ ଆଡ଼କୁ ଆକର୍ଷିତ ହେବ। ଏହି ସୁନ୍ଦର ନେଲ୍‌ଆର୍ଟ ପାଇଁ ଇଉଙ୍କୟଙ୍ଗ ପ୍ରଥମେ ନଖରେ ଲଗାଯିବାକୁ ଥିବା ଫେକ୍ ଟ୍ରାନ୍ସପରେଣ୍ଟ ନେଲ୍‌କୁ କଣାକରି ନଖର ଉପରଭାଗରେ ଟ୍ରାନ୍ସପରେଣ୍ଟ ରତ୍ନପଥର ସହ ଏଲ୍‌ଇଡି ଲାଇଟ୍ ସଂଯୋଗ କରିଥାନ୍ତି। ତା'ପରେ ସେହି ନଖର ତଳଭାଗରେ ବ୍ୟାଟେରି ସଂଯୋଗ କରନ୍ତି। ଆଉ ବ୍ୟାଟେରି ପାୱାରରେ ନଖଗୁଡିକ ଚକ୍‌ମକ୍ ହୋଇ ବିଭିନ୍ନ ରଙ୍ଗରେ ଜଳିବାକୁ ଲାଗେ। ବ୍ୟାଟେରିର ପାୱାର ଥିବାଯାଏ ନଖଗୁଡିକ ଚକ୍‌ମକ୍ ହୋଇ ଜଳିଥାଏ। ଏହି ସୁନ୍ଦର ନେଲ୍‌ଆର୍ଟକୁ ଲୋକେ ବହୁତ ପସନ୍ଦ କରୁଥିବାର ଦେଖାଯାଉଛି।



# କଖାରୁ ଡଙ୍ଗା

ରାନ୍ଧି ଖିଆ ଯାଉଥିବା କଖାରୁକୁ ଯେ ଅନ୍ୟ କାମରେ ବ୍ୟବହାର କରାଯାଇପାରେ ତାହା ହୁଏତ କେହି ଭାବି ନ ଥିବେ। ଜାଣି ଆଶ୍ଚର୍ଯ୍ୟ ହେବେ କଖାରୁରେ ଡଙ୍ଗା ବି ତିଆରି କରାଯାଉଛି। ତେବେ ଛୋଟିଆ କଖାରୁରେ ନୁହେଁ ବରଂ ବଡ଼ ବଡ଼ କଖାରୁରେ ଡଙ୍ଗା ତିଆରି କରାଯାଉଛି। ଗେରୀ କ୍ରିଷ୍ଟେନ୍‌ସନ୍ ନାମକ ଜଣେ ଆମେରିକୀୟ ବ୍ୟକ୍ତି ଏକ ବିରାଟକାୟ କଖାରୁକୁ ମଝିରୁ କାଟି ସବୁ ମଞ୍ଜି ବାହାର କରି ଜଣେ ମଣିଷ ବସିପାରିବା ଭଳି ଡଙ୍ଗା ତିଆରି କରିଛନ୍ତି। ଆଉ ତାକୁ କଲମ୍ବିଆ ନଦୀରେ କାତ ମାରି ମାରି ଚଲାଇ ୭୩.୭୫ କି.ମି. ଯାତ୍ରା କରି ରେକର୍ଡ ସୃଷ୍ଟି କରିଛନ୍ତି। ଏହି ରେକର୍ଡ କରିବା ଆଦୌ ସହଜ ନ ଥିଲା। ପ୍ରବଳ ପବନ ସାଙ୍ଗକୁ ବଡ଼ ବଡ଼ ଲହଡ଼ି ଏହି ଯାତ୍ରାକୁ କଷ୍ଟକର ଓ ବିପଜ୍ଜନକ କରୁଥିଲା। ଏସବୁ ସତ୍ତ୍ୱେ ସେ ସାହସର ସହ କଖାରୁ ଡଙ୍ଗାକୁ କୌଶଳର ସହ ଚଲାଇ ଏତେ ବାଟ ଅତିକ୍ରମ କରିପାରିଥିଲେ। ଫଳରେ କଖାରୁ ଡଙ୍ଗାରେ ସବୁଠୁ ଲମ୍ବା ଯାତ୍ରା କରିଥିବାର ରେକର୍ଡ କଲେ।